# ନବୀନ ସମ୍ରାଟ ।

୧୯୧୧

Digitized by srujanika@gmail.com

# ନବୀନ ସମ୍ରାଟ ।

( ସମ୍ରାଟ ପଞ୍ଚମ ଜର୍ଜ୍ଙ୍କ ଜୀବନୀ )

LIFE OF GEORGE Fifth

ମାନନୀୟ ବୃହଚ୍ଛେନଣ୍ଡି ଅଧୀଶ୍ୱରଙ୍କ

" ପ୍ରଜାର ବିନୋଦ "

ଶ୍ରୀ କୃପାସିନ୍ଧୁଦେବ

ଗଜପତି ମହାରାଜା ମହୋଦୟଙ୍କ

ଆଦେଶ ଓ ଆନୁକୂଲ୍ୟରେ

ଶ୍ରୀ ନୀଳମଣି ବିଦ୍ୟାରତ୍ନ

ଦ୍ୱାରା

ସମ୍ପାଦିତ ଏବଂ ପ୍ରକାଶିତ ।

CUTTACK

Printed by the Cuttack Printing Co.

LIMITED.

1911.

Digitized by srujanika@gmail.com

SVARNA PRESS, DACCA.

Digitized by srujanika@gmail.com

# ସମ୍ରାଟ ପଞ୍ଚମଜର୍ଜ ।

---

ସମ୍ରାଟ ସପ୍ତମ ଏଡ୍‌ୱାର୍ଡ଼ ଓ ସମ୍ରାଜ୍ଞୀ ଆଲେକଜାଣ୍ଡ୍ରା, ଆମ୍ଭମାନଙ୍କର ନବୀନ ସମ୍ରାଟ ଫ୍ରେଡ଼ରିକ ଆର୍ଣ୍ଣେଷ୍ଟ ଏଲବାର୍ଟ ଜର୍ଜଙ୍କର ଜନକ ଜନନୀ । ସପ୍ତମ ଏଡ୍‌ୱାର୍ଡ଼ ଲୋକାନ୍ତର ଗମନ କରିବାରୁ ଜର୍ଜ ପିତୃ ସିଂହାସନରେ ଅଧିରୋହଣ କରିଅଛନ୍ତି । ସେ ବର୍ତ୍ତମାନ ଆମ୍ଭମାନଙ୍କର ଭାଗ୍ୟ ବିଧାତା । ତାଙ୍କର ପରିଚୟ ପ୍ରାପ୍ତ ହେବା ସମସ୍ତଙ୍କର ଅଭିପ୍ରେତ ଓ ଉଚିତ ମନେ କରି ତାଙ୍କର ପୂର୍ବବିବରଣ ଅତି ସଂକ୍ଷେପରେ ନିମ୍ନରେ ପ୍ରକାଶ କରୁଅଛୁଁ ।

ଜର୍ଜ ପିତା ମାତାଙ୍କର ଦ୍ୱିତୀୟ ପୁତ୍ର । ସେ ୧୮୬୫ ଖ୍ରୀଃ ଜୁନମାସ ୩ ତାରିଖଦିନ ମାରଲବରା ରାଜପ୍ରାସାଦରେ ଜନ୍ମଗ୍ରହଣ କରିଥିଲେ । ସେ ସମୟରେ ତାଙ୍କର ପିତାମହୀ ମହାରାଣୀ ଭିକ୍ଟୋରିଆ ମହାସମାରୋହରେ ନବଜାତ ନପ୍ତାଙ୍କର ଜନ୍ମୋତ୍ସବ କ୍ରିୟା ସମ୍ପନ୍ନ କରିଥିଲେ ।

ମହାରାଣୀ ଆଲେକଜାଣ୍ଡ୍ରା, ନବଜାତ ପୁତ୍ର ଜର୍ଜଙ୍କ ସହିତ ସୂତିକା ଗାରରେ ଥିବା ସମୟରେ ହଠାତ୍ ସେ ଗୃହରେ ଅଗ୍ନି ଲାଗିଲା । ସମ୍ରାଟ ଅଗ୍ନିବେଷ୍ଟିତ ଗୃହରୁ ନିଜ ପ୍ରାଣର ମମତା ପରିତ୍ୟାଗ କରି ପତ୍ନୀ ଓ ପୁତ୍ରଙ୍କୁ ଉଦ୍ଧାର କରିଥିଲେ । ଏହି ବିପଦର କିଛିକାଳ ପରେ ମହାରାଣୀ ଭିକ୍ଟୋରିଆ ସମାରୋହପୂର୍ବକ ନାତିଙ୍କ ନାମକରଣୋତ୍ସବ ଅନୁଷ୍ଠାନ କରି ତାହାଙ୍କୁ "ପ୍ରିନ୍‌ସଜର୍ଜ" ନାମରେ ଅଭିହିତ କଲେ ।

Digitized by srujanika@gmail.com

ଜର୍ଜଙ୍କ ଜନ୍ମସମୟରୁ ତାଙ୍କର ଜ୍ୟେଷ୍ଠଭ୍ରାତା ପ୍ରିନ୍ସ ଏଲ-ବାର୍ଟ ଭିକ୍ଟରଙ୍କ ବୟସ ୧୮ ମାସ ମାତ୍ର । ଉଭୟ ଭ୍ରାତା ଏକତ୍ର ରାଜଧାନୀଙ୍କଦ୍ୱାରା ପ୍ରତିପାଳିତ ହେଉଥିଲେ । ଉଭୟ ଭ୍ରାତାଙ୍କର ଅକୃତ୍ରିମ ସୌହାର୍ଦ୍ଦ୍ୟ ଥିଲା; ସେମାନେ ସର୍ବଦା ସଙ୍ଗ ହୋଇ ରହିବା ସୁଖକର ମଣୁଥିଲେ । ଉଭୟଙ୍କର ଅକୃତ୍ରିମ ସମତା ଥିଲେମଧ୍ୟ ପ୍ରକୃତିଗତ ଏକତା ନ ଥିଲା । ତଥାପି ସେମାନଙ୍କ ମଧ୍ୟରେ ଯେଉଁ ପ୍ରଣୟ ଓ ସୌଭ୍ରାତ୍ରଭାବ ଥିଲା, ତାହା ଅତୁଳ-ନୀୟ । ଜ୍ୟେଷ୍ଠ ରାଜକୁମାର ଜୀବଜନ୍ତୁଙ୍କ କାହାଣୀ କହିବା—ଶୁଣିବାକୁ ଭଲପାଉଥିଲେ, କିନ୍ତୁ ଦ୍ୱିତୀୟ କୁମାର ମୌନ-ଭାବରେ ରହିବା ପ୍ରୀତିକର ମଣୁଥିଲେ । ଏଥିପାଇଁ ନାମ ଲୋକେ ତାଙ୍କୁ "ମୌନୀଜର୍ଜ" ( George the Silent ) ନାମ ପ୍ରଦାନ କରିଥିଲେ । ଜର୍ଜ ମୌନୀ ହେଲେ ମଧ୍ୟ ଉଦାର, ସ୍ନେହମୟ ଜ୍ୟେଷ୍ଠ ଭ୍ରାତାଙ୍କ ନିକଟରେ ହୃଦୟର ଦ୍ୱାର ମୁକ୍ତ କରି କଥୋପକଥନ କରିଥାନ୍ତି ।

ଜର୍ଜ ଶୈଶବ କାଳରେ କିଞ୍ଚିତ ଦୁରନ୍ତ ଥିଲେମଧ୍ୟ ତାଙ୍କ ଚରିତ୍ରରେ ବଶବର୍ତ୍ତିତାର ବୀଜ ଉପ୍ତ ହୋଇଥିଲା । ଉଭୟ ଭ୍ରାତା କେବେ ସୁଦ୍ଧା ପିତାମାତା, ଗୁରୁଜନ ବା ଶିକ୍ଷକ ମାନ-ଙ୍କର ଆଦେଶ ଲଙ୍ଘନ କରିଥିବାର ଶୁଣାଯାଇନାହିଁ । ଥରେ ସମ୍ରାଟ ସପ୍ତମ ଏଡୱାର୍ଡ୍ ସପରିବାରରେ ଆପଣାର ଜନନୀ ଦେବୀ ପ୍ରାତଃସ୍ମରଣୀୟା ମହାରାଣୀ ଭିକ୍ଟୋରିୟାଙ୍କ ସାକ୍ଷାତ ନିମନ୍ତେ ବକିଂହାମ୍ ପ୍ରାସାଦକୁ ଯାଇଥିଲେ । ପ୍ରିନ୍ସଜର୍ଜ ସେମା-ନଙ୍କ ମଧ୍ୟରେ ଜଣେ । ସେ ଏହି ଗୋଷ୍ଠୀ ସମାଗମ ସମୟରେ ବାଳସୁଲଭ ଚାପଲ୍ୟ ପ୍ରକାଶ କରିବାରୁ ଶାସନ ନିମନ୍ତେ ମହା-ରାଣୀ ଭିକ୍ଟୋରିୟା ତାଙ୍କୁ ଟେବୁଲତଳେ ବସି ରହିବାକୁ

Digitized by srujanika@gmail.com

ଆଦେଶ ପ୍ରଦାନ କଲେ । ଅଙ୍ଗୀକାର୍ତ୍ତୀ ଜର୍ଜ ତତ୍‌କ୍ଷଣାତ୍ ଟେବଲ ତଳକୁ ଯାଇ ଶାନ୍ତ—ଶିଷ୍ଟଭାବରେ ବସି ରହିଲେ, ମହାରାଣୀ ଚପଳ ପୁତ୍ରର 'ଅକାଳଗାମ୍ଭୀର୍ଯ୍ୟ ଓ ସ୍ଥୈର୍ଯ୍ୟ ଦେଖି କିଛିକ୍ଷଣ ପରେ '' ଜର୍ଜ ଅତିଶାନ୍ତଶିଶୁ '' ବୋଲି କହି ତାଙ୍କୁ ଟେବଲ ତଳୁ ଅସିବାନିମନ୍ତ୍ର ଆଦେଶ ଦେଲେ । ଜର୍ଜ ଯେ କେବଳ ଟେବଲତଳେ ବନା କାର୍ଯ୍ୟରେ ନୀରବ ଭାବରେ ବସି ରହିଥିଲେ ଏପର ନୁହେ,—ସେ ବସି ବସି ନିଜର ପରିଧେୟ ବସ୍ତ୍ରମାନ ଖୋଲି ବାହାରକୁ ପକାଇଥିଲେ । ମହା- ରାଣୀଙ୍କର ଡାକ ଶୁଣିବାମାତ୍ରେ ନଗ୍ନ ଶରୀରରେ ଟେବଲତଳୁ ବହିର୍ଗତ ହେଲେ । ସେତେବେଳେ ଜର୍ଜଙ୍କୁ ଉଲଗ୍ନ ଦେଖି କେହି ହାସ୍ୟ ସମ୍ବରଣ କରିପାରି ନ ଥିଲେ ।

ସ୍ନେହଶୀଳ ପିତା ମାତା ଶୈଶବକାଳରୁ ସନ୍ତାନ- ମାନଙ୍କର ସୁଶିକ୍ଷା ଓ ଚରିତ୍ରରକ୍ଷା ବିଷୟରେ ଯଥାସାଧ୍ୟ ସତର୍କତାବଲମ୍ବନ ଓ ଚେଷ୍ଟା କରୁଥିଲେ । ପୁତ୍ରଦ୍ୱୟ ଉପଯୁକ୍ତ ବୟସରେ ପଣ୍ଡିତପ୍ରବର ଧର୍ମଯାଜକ ଡ୍ୟାଲ- ଟନ ସାହେବଙ୍କ ନିକଟରେ ବିଦ୍ୟା ଶିକ୍ଷା କରିବା ଆରମ୍ଭ କଲେ । ଡ୍ୟାଲ୍‌ଟନଙ୍କ ଉପରେ ଶିକ୍ଷାଭାର ନ୍ୟସ୍ତ ଥିଲେ ମଧ୍ୟ ମହାରାଣୀ ( ସେତେବେଳେ ଯୁବରାଜ୍ଞୀ ) ଆଲେକଜାଣ୍ଡ୍ରା ପୁତ୍ରମାନଙ୍କ ନିମନ୍ତେ ପାଠ୍ୟପୁସ୍ତକ ନିର୍ବାଚନ କରି ଦେଉଥିଲେ ଏବଂ ସେମାନଙ୍କ ଶିକ୍ଷୋନ୍ନତି ବିଷୟରେ ନିଜେ ମଧ୍ୟ ଯତ୍ନ କରୁଥିଲେ । ବାଲ୍ୟକାଳରୁ ସେମାନଙ୍କର ଯେପରି ଚରିତ୍ର ସୁଗଠିତ ହୁଏ ଏବଂ ସେମାନେ ଧାର୍ମିକ ଓ ବିନୀତ ହୁଅନ୍ତି ତହିଁପ୍ରତି ସେ ବିଶେଷ ଦୃଷ୍ଟି ରଖିଥିଲେ । "ବିଳାସିତା ଓ ଦାମ୍ଭିକତା ସର୍ବନାଶର

Digitized by srujanika@gmail.com

ମୂଳ” ଏହା ପୁତ୍ରମାନଙ୍କ ମନରେ ଦୃଢ଼ବଦ୍ଧ କରଦେବା-ପାଇଁ ସେ ସର୍ବଦା ସେମାନଙ୍କୁ ସାଧାରଣ ପୋଷାକ ପରିଚ୍ଛଦ ପ୍ରଦାନ କରୁଥାନ୍ତି ଏବଂ ସାଧାରଣ ଲୋକଙ୍କ-ସହିତ ମିଳି ମିଶି ସର୍ବଦା ସଦୟ ଓ ଉଦାର ବ୍ୟବହାର କରିବାନିମନ୍ତେ ଉପଦେଶ ପ୍ରଦାନ କରିଥାନ୍ତି । ଜନକ ଜନନୀ ଏବଂ ଶିକ୍ଷାଦାନ ପ୍ରଣାଳୀ ଓ ଉପଦେଶ ଫଳରେ କୁମାର ଦ୍ୱୟ ଆଦର୍ଶ ବାଳକ ବୋଲି ସମସ୍ତଙ୍କ ନିକଟରୁ ଅଶେଷ ପ୍ରଶଂସା ଲାଭ କରିଥିଲେ ।

ଯେତେବେଳେ ବୟସ ୧୨।୧୩ ବର୍ଷ ହେଲାବେଳେ ତାଙ୍କୁ ରାଜ୍ୟର ଉତ୍ତରାଧିକାରୀ ରୂପେ ସେନାବିଭାଗରେ ଏବଂ କନିଷ୍ଠ ପୁତ୍ର ଜର୍ଜଙ୍କୁ ନୌବି-ଭାଗରେ ଶିକ୍ଷା ଦେବାର ପ୍ରସ୍ତାବ ହୋଇଥିଲା । ଏହା ଶୁଣି ଭ୍ରାତୃବତ୍ସଳ ଭିକ୍ଟର, ଜର୍ଜଙ୍କୁ ଛାଡ଼ି ସେନାବିଭାଗରେ ଶିକ୍ଷା ଗ୍ରହଣ କରିବାକୁ ଅନିଚ୍ଛା ପ୍ରକାଶ କରି ଉଭୟଭ୍ରାତା ନୌବିଭାଗରେ ଶିକ୍ଷାର୍ଥ ୧୮୭୭ ଖ୍ରୀଃ ଜୁନମାସରେ ‘ବ୍ରିଟାନିୟା’ ନାମକ ରଣପୋତକୁ ପ୍ରେରିତ ହେଲେ । ନୌବିଦ୍ୟା ଅର୍ଜନରେ ନିଯୁକ୍ତ ହେଲେ ମଧ ଅନ୍ୟାନ୍ୟ ଶିକ୍ଷାରୁ ବଞ୍ଚିତ ହୋଇ ନ ଥିଲେ । ଅନ୍ୟାନ୍ୟ ବିଷୟରେ ଶିକ୍ଷା ଦେବାନିମନ୍ତେ ଗୃହଶିକ୍ଷକ ଡାଲ୍‌ଟନ ସାହେବ ସେମାନଙ୍କ ସଙ୍ଗରେ ଥିଲେ । ଇଂଲଣ୍ଡର ଭାବୀ ରାଜା ଭିକ୍ଟର ଏବଂ ତାଙ୍କର ଭ୍ରାତା କଷ୍ଟସାଧ୍ୟ ନୌବିଦ୍ୟା ଶିକ୍ଷାର୍ଥ ନିୟୋଜିତ ହୋଇଥିବାର ଅବଗତ ହୋଇ ଇଂଲଣ୍ଡବାସିମାନେ ଆଶ୍ଚର୍ଯ୍ୟାନ୍ୱିତ ହେଲେ ।

Digitized by srujanika@gmail.com

ରଣପୋତରେ ଜର୍ଜ ସାମାନ୍ୟ ନାବିକ ପରି ଜୀବନ ଯାପନ କରୁଥିଲେ ଏବଂ ନୌସମର ବିଭାଗର ସମସ୍ତ ନିୟମ ମାନି ଚଳୁଥିଲେ । ପାଲବସ୍ତ୍ର ନିକ୍ଷେପ ଓ ଉତ୍ତୋଳନ, ରଜ୍ଜୁ ଆକର୍ଷଣ, ପୋତର ଅଭ୍ୟନ୍ତର ଓ ବହିର୍ଭାଗ ପରିଷ୍କାର-କରଣ ପ୍ରଭୃତି ସାମାନ୍ୟ କାର୍ଯ୍ୟମାନ କରିବାକୁ ସେ ଲଜ୍ଜା ବା କଷ୍ଟ ବୋଧ କରୁ ନ ଥିଲେ । ଏହା ଭିନ୍ନ ସେ ରାତ୍ରିରେ ଉଜାଗର ରହି ପ୍ରହରୀ କାର୍ଯ୍ୟ କରିବା ଏବଂ ଝଡ଼ବୃଷ୍ଟି ସମୟରେ ଜାହାଜର ମାସ୍ତୁଲ ଉପରେ ଆରୋହଣ କରି ଆବଶ୍ୟକ କାର୍ଯ୍ୟ ସମ୍ପାଦନ କରିବାକୁ ବିନ୍ଦୁମାତ୍ର କୁଣ୍ଠିତ ହେଉ ନ ଥିଲେ ; ଅଧିକନ୍ତୁ ଅଧିକ ଆଗ୍ରହ ଓ ଉତ୍ସାହର ସହିତ ସେହି ସବୁ କାର୍ଯ୍ୟ ଉତ୍ତମରୂପେ ସମ୍ପନ୍ନ କରି ପ୍ରଶଂସାଲାଭ କରୁଥାନ୍ତି ।

ଜର୍ଜ ଅର୍ଦ୍ଧଜଗତର ଅଧୀଶ୍ୱରୀ ମହାରାଣୀ ଭିକ୍ଟୋରିୟାଙ୍କର ନାତି ହେଲେ ମଧ ତାଙ୍କ ମନକୁ ଗର୍ବ—ଅଭିମାନ କେବେ ହେଲେ ଭ୍ରମରେ ସୁଦ୍ଧା ସ୍ପର୍ଶ କରି ନ ଥିଲା । ସେ ନାବିକମାନଙ୍କ ସହିତ ସଙ୍ଗୀପରି ମିଳାମିଶା କ୍ରୀଡ଼ା କୌତୁକ ଓ ଆଳାପ କରୁଥିଲେ । ସେ ଅବସର କାଳରେ ବଂଶୀ ବଜାଇ ଅନ୍ୟାନ୍ୟ ନାବିକମାନଙ୍କ ସହିତ ନୃତ୍ୟ ଗୀତରେ ଯୋଗଦାନ କରି ଚିତ୍ତବିନୋଦନ କରୁଥାନ୍ତି । ନାବିକମାନେ ତାଙ୍କୁ ରାଜଗୌରବସୂଚକ ସମ୍ଭ୍ରମରେ ସମ୍ବୋଧନ କଲେ ସେ ବିରକ୍ତି ପ୍ରକାଶ କରି "ମହାଶୟ" ବୋଲି ସମ୍ବୋଧନ କରିବାକୁ କହୁଥାନ୍ତି । କିନ୍ତୁ ପୁନଃ ପୁନଃ ପ୍ରତିକଥାରେ "ମହାଶୟ" "ମହାଶୟ" କହିଲେ ସେ ଅସନ୍ତୁଷ୍ଟ ହୋଇଥାନ୍ତି । ଏଥିରୁ ବିଚକ୍ଷଣ ପାଠକ-

Digitized by srujanika@gmail.com

ମାନେ ଅମ୍ଭମାନଙ୍କର ନବୀନ ସମ୍ରାଟଙ୍କର ହୃଦୟର ମହତ୍ତ୍ୱ ଉତ୍ତମରୂପେ ଉପଲବ୍ଧି କରି ଅତୁଳନୀୟ ଆନନ୍ଦ ଉପଭୋଗ କରିପାରିବେ ।

ଏକୁର ଓ ଜର୍ଜ୍ଜ ୦୨ ବର୍ଷକାଳ ନୌବିଦ୍ୟା ଶିକ୍ଷା କରିବାପରେ ସେମାନଙ୍କର ପୋତଶିକ୍ଷାନ୍ତ ଜ୍ଞାନ ସମ୍ବନ୍ଧରେ ପରୀକ୍ଷା ଗୃହୀତ ହେଲା । ସୁଖର ବିଷୟ ସେମାନେ ସେହି ପରୀକ୍ଷାରେ ଉତ୍ତୀର୍ଣ୍ଣହୋଇ ପ୍ରଥମ ଶ୍ରେଣୀର ପ୍ରଶଂସା ପତ୍ର (Certificate ପ୍ରାପ୍ତ ହେଲେ । ଏହା ଶ୍ରବଣ କରି ରାଜ-ପରିବାରର ସମସ୍ତେ ଏବଂ ପ୍ରଜାସାଧାରଣ ପରମାନନ୍ଦିତ ହେଲେ ।

ଉଭୟ ଭ୍ରାତା, କାଯ୍ୟ ଓ ଶଯ୍ୟାପରି ସର୍ବଦା ଏକତ୍ର ବାସ କରୁଥିଲେ । ସେମାନେ ଅନ୍ୟୋନ୍ୟରେ ଏକତ୍ର କ୍ରୀଡା-ଏକତ୍ର ଅଧ୍ୟୟନ, ଏକତ୍ର ଭୋଜନ, ଏକତ୍ର ଭ୍ରମଣ ଏବଂ ଏକତ୍ର ଶୟନ ଉପବେଶନ କରିବା ପରମ ସୁଖକର ମଣୁଥିଲେ । ୧୮୭୯ ଖ୍ରୀଃରେ ସେମାନେ ବେକାଣ୍ଟି ନାମକ ପୋତରେ ଆରୋହଣ କରି ଦେଶଭ୍ରମଣରେ ବହିର୍ଗତ ହେଲେ । ସେମାନେ ନାବିକବେଶରେ ପ୍ରାୟ ୨ ବର୍ଷ କାଳ ଭ୍ରମଣ କରି ଆଫ୍ରିକା, ଆମେରିକା ଅଷ୍ଟ୍ରେଲିୟା, ନିଉଜିଲଣ୍ଡ, ଜାପାନ, ଚୀନ, ସିଂହଳ, ପାଲେଷ୍ଟାଇନ, ଗ୍ରୀସ ପ୍ରଭୃତି ଦେଶ ପରିଦର୍ଶନ କଲେ । ତତ୍ପରେ ଫେରିଆସି ୧୮୮୦ ଖ୍ରୀଃ ମେ ମାସ ୭ ତାରିଖ ଦିନ ଇଂଲଣ୍ଡର ପୋର୍ଟସମାଉଥ ବନ୍ଦରରେ ଉପନୀତ ହେଲେ । ତତ୍ପରେ ସେମାନେ ତଟପ୍ରଦେଶର ଆବାସ ଭବନରେ ୨ ମାସ କାଳ ବିଶ୍ରାମ କରି ତତ୍ପରେ ବଲ୍‌ଟିକ ଉପସାଗର

ଅଭିମୁଖେ ଅଗ୍ରସର ହେଲେ । ମାର୍ଗରେ କେବଳ ନାମଦ୍ଧ ସ୍ଥାନରେ ଅବସ୍ଥାନ କରି ଭିଗୋ, ମେଦିରା ଏବଂ କ୍ୟାନରି ଦ୍ୱୀପପୁଞ୍ଜ ପରିଦର୍ଶନ କଲେ । ପରେ ସେ ସ୍ଥାନ ତ୍ୟାଗ କରି ଦକ୍ଷିଣ ଆମେରିକା ପାର ହୋଇ ଉତ୍ତମାଶା ଅନ୍ତରୀପକୁ ଗମନ କଲେ । ତତ୍ପରେ ଅଷ୍ଟ୍ରେଲିୟାର ବନ୍ଦର ସମୂହ ଫିଜିଦ୍ୱୀପ ଏବଂ ଜାପାନ ପରିଦର୍ଶନ କରିଥିଲେ । ରାଜକୁମାର ଦ୍ୱୟ ଜାପାନରେ ମହାସମାଦରରେ ଅଭ୍ୟର୍ଥିତ ହୋଇଥିଲେ । ଇଂଲଣ୍ଡକୁ ଫେରିଯିବା ସମୟରେ ସେମାନେ ସଙ୍ଘାଇ, ହଂକଂ, ସିଙ୍ଗାପୁର ଓ କଲମ୍ବୋ ପରିଦର୍ଶନ କରିଥିଲେ । ୧୮୮୧ ଖ୍ରୀଃର ଅଗଷ୍ଟ ମାସରେ ସେମାନେ ଇଂଲଣ୍ଡରେ ଉପସ୍ଥିତ ହେଲେ ସେମାନେ ଯେଉଁ ସବୁ ସ୍ଥାନକୁ ଗମନ କରିଥିଲେ ସେହି ସେହି ସ୍ଥାନର କୌଣସି ପ୍ରକାର ଦର୍ଶନୀୟ ପଦାର୍ଥ ଦର୍ଶନ କରିବାକୁ ବାକି ରଖି ନାହାନ୍ତି । ଏସ୍ଥାନରେ ଏ କଥା କହିବାର ଉଚିତ ଯେ ସମୁଦ୍ର ଭ୍ରମଣର ଆମୋଦରେ ସେମାନେ ଅବିଚ୍ଛେଦରେ ନିମଗ୍ନ ନ ଥିଲେ । ଅଧ୍ୟାପକ ଡ୍ୟାଲ୍‌ଟନ ସେମାନଙ୍କ ସଙ୍ଗରେ ଥିଲେ, ଜାହାଜରେ ସେମାନଙ୍କର ଅଧ୍ୟୟନର ବିରାମ ନ ଥିଲା । ଆଳସ୍ୟ ଅଥବା ଔଦାସ୍ୟ ସେମାନଙ୍କୁ କଦାପି ଆଶ୍ରୟ କରିପାରି ନ ଥିଲା ।

୧୮୮୬ ଖ୍ରୀଃରେ ଜ୍ୟେଷ୍ଠ ରାଜକୁମାର ରାଜୋଚିତ ଶିକ୍ଷାନିମନ୍ତେ ବାଧ ହୋଇ ନୌବିଭାଗ ତ୍ୟାଗ କଲେ କିନ୍ତୁ ପ୍ରିନ୍ସଜର୍ଜ୍ଜ ନୌବିଭାଗରେ ଶିକ୍ଷାଧୀନରେ ରହିଲେ । ସେ ନାବିକ କାର୍ଯ୍ୟରେ ବିଶେଷ ଅନୁରକ୍ତ ଥିଲେ, ସୁତରାଂ ବିଶେଷ ଯତ୍ନ ଓ ଚେଷ୍ଟାର ସହିତ ଉକ୍ତକାର୍ଯ୍ୟ ଶିକ୍ଷା

Digitized by srujanika@gmail.com

କରିବାକୁ ଲାଗିଲେ । ସେ ପରେ ଗ୍ରୀନୱିଚ୍'ର ରୟେଲ ନେଭେଲ୍ କଲେଜରେ ଏବଂ ଅନ୍ୟାନ୍ୟ ନୌବିଦ୍ୟାଳୟରେ ଅଧ୍ୟୟନ କରି ପ୍ରତ୍ୟେକ ବିଦ୍ୟାଳୟରୁ ଉତ୍କୃଷ୍ଟ ପ୍ରଶଂସା ପତ୍ରମାନ ପ୍ରାପ୍ତ ହେଲେ । ସେ ୧୯ ବର୍ଷ ବୟସ ସମୟରେ ନୌବିଦ୍ୟାରେ ଏତେଦୂର ପାରଦର୍ଶୀ ହୋଇଥିଲେ ଯେ ତାହାଙ୍କୁ ସମାଦରପୂର୍ବକ କାନାଡ୍ରୋ ନାମକ ଜାହାଜର ସବ୍‌ଲେଫ୍‌ଟେନେଣ୍ଟ ପଦରେ ନିଯୁକ୍ତ କରାଯାଇଥିଲା । ପରେ ନୌବିଭାଗର ଊର୍ଦ୍ଧ୍ୱତନ କର୍ମଚାରୀମାନେ ତାଙ୍କର କାର୍ଯ୍ୟଦକ୍ଷତାରେ ସନ୍ତୁଷ୍ଟ ହୋଇ ଏକବର୍ଷ ମଧ୍ୟରେ ତାଙ୍କୁ ଲେଫ୍‌ଟେନେଣ୍ଟ ପଦକୁ ଉନ୍ନୀତ କଲେ । ୧୮୮୫ ଖ୍ରୀଃରେ ଅକ୍ଟୋବର ମାସ ୮ ତାରିଖରେ ପ୍ରକାଶିତ ଇଂଲଣ୍ଡର ରାଜକୀୟ ଗେଜେଟରେ ତାଙ୍କର ଏହି ପଦୋନ୍ନତି ସମ୍ବାଦ ବିଘୋଷିତ ହୋଇଥିଲା । ସେ ସେହି କାର୍ଯ୍ୟରେ ବିଶେଷ ପାରଦର୍ଶିତାର ପରିଚୟ ପ୍ରଦାନ କରିଥିଲେ । ଏହା ଅବଗତ ହୋଇ ପ୍ରଧାନ ପ୍ରଧାନ ରାଜପୁରୁଷମାନେ ମୁକ୍ତକଣ୍ଠରେ ତାଙ୍କର ଗୁଣର ପ୍ରଶଂସା କରିଥିଲେ, ଏବଂ ରାଜ୍ୟ ମଧ୍ୟରେ ତାଙ୍କର ଜୟ ଜୟକାର ଧ୍ୱନି ଉତ୍ଥିତ ହୋଇଥିଲା ।

ଏହିପରି ପ୍ରିନ୍‌ସଜର୍ଜଙ୍କର ନାବିକ ଜୀବନ ସୁଖସ୍ୱଚ୍ଛନ୍ଦରେ ଅତିବାହିତ ହେଉଥିଲା, କିନ୍ତୁ ଈଶ୍ୱର ତହିଁରେ ବାଦ ସାଧିଲେ,—ହଠାତ୍ ଜର୍ଜଙ୍କ ହୃଦୟରେ ଗୋଟିଏ ଶୋକ ଶଲ୍ୟ ବିଦ୍ଧ କଲେ । ସେ ଯେଉଁ ଜ୍ୟେଷ୍ଠ ଭ୍ରାତାଙ୍କୁ ପ୍ରାଣ ଅପେକ୍ଷା ଅଧିକ ଭଲ ପାଉଥିଲେ -ସେହି ଭ୍ରାତା-ଇଂଲଣ୍ଡର ଭାବୀରାଜା ୧୮୯୨ ଖ୍ରୀଷ୍ଟାବ୍ଦରେ ମୃତ୍ୟୁମୁଖରେ ପତିତ ହେଲେ, ମୃତ୍ୟୁ ସମ୍ବାଦ ପାଇ ଜର୍ଜ ଅତ୍ୟନ୍ତ ବିଷଣ୍ଣ ହେଲେ କିନ୍ତୁ ଜର୍ଜ ମାନସିକବଳରେ ବଳୀୟାନ୍-ଈଶ୍ୱରଙ୍କ ପ୍ରତି

Digitized by srujanika@gmail.com

ମଧ୍ୟ ତାଙ୍କର ଅତ୍ୟନ୍ତ ନିର୍ଭର ଥିଲା—ସେ ସେହି ଭାବରେ ମଧ୍ୟ ଶିକ୍ଷିତ ହୋଇ ଆସୁଥିଲେ । "ଭଗବାନଙ୍କ କାର୍ଯ୍ୟରେ କାହାରି ହେଲେ ହାତ ନାହିଁ— ତାଙ୍କ କାର୍ଯ୍ୟର ପ୍ରତିବିଧାନର ମଧ୍ୟ କୌଣସି ଉପାୟ ନାହିଁ ।" ଏହା ଭାବି ସେ ସ୍ୱୀୟ ହୃଦୟରୁ ଶୋକଭାର ଦୂର କରିବାକୁ ସମର୍ଥ ହୋଇଥିଲେ । ଯୁବରାଜ ଭିକ୍ଟରଙ୍କର ଲୋକାନ୍ତର ପରେ ପାର୍ଲିଆମେଣ୍ଟ ମହାସଭା ପ୍ରିନ୍ସ ଜର୍ଜଙ୍କୁ ଇଂଲଣ୍ଡର ଭାବୀ-ଉତ୍ତରାଧିକାରୀ ବୋଲି ଘୋଷଣାପତ୍ର ପ୍ରଚାର କଲେ ଏବଂ ତାହାଙ୍କୁ "ଡ୍ୟୁକ ଅଫ୍ ୟର୍କ" ଉପାଧି ପ୍ରଦାନ କଲେ । ତାଙ୍କର ଜୀବନ—ସ୍ରୋତର ଏହି ଆକସ୍ମିକ ପରିବର୍ତ୍ତନରେ ସେ କିଛିମାତ୍ର ଅହଙ୍କୃତ ହେଲେନାହିଁ ; ପରନ୍ତୁ ଭଗବାନଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରି ନୂତନ ଜୀବନରେ ନୂତନ ଉଦ୍ୟମ ଓ ନୂତନ ଭାବରେ ଅନୁପ୍ରାଣିତ ହୋଇ ସ୍ୱୋଚିତ ନୂତନ ଶିକ୍ଷା ସକାଶ ନିଯୁକ୍ତ ହେଲେ ।

ଜର୍ଜଙ୍କ ପିତା ସପ୍ତମ ଏଡ଼୍ୱୋୟାର୍ଡ଼ ଯେପରି ପିତା ମାତାଙ୍କ ନିକଟରୁ ଅନେକ ବିଷୟରେ ସୁଶିକ୍ଷା ଲାଭ କରି-ଥିଲେ, ଜର୍ଜ ମଧ୍ୟ ସେହିପରି ସ୍ୱୀୟ ଜନକ ଜନନୀଙ୍କ ନିକଟରୁ ସୁଶିକ୍ଷା ଲାଭ କରି ବହୁ ରାଜନୀତିକ ସମସ୍ୟା ସହିତ ପରିଚିତ ଓ ନାନାବିଷୟରେ ଜ୍ଞାନ ଲାଭ କରିଅଛନ୍ତି ।

ସମ୍ରାଟ ସପ୍ତମ ଏଡ଼୍ୱୋୟାର୍ଡ଼ ସନ୍ତାନମାନଙ୍କୁ ସତ୍ କରିବା ନିମନ୍ତେ କିପରି ସତର୍କ ଦୃଷ୍ଟି ରଖିଥିଲେ ତହିଁର ଗୋଟିଏ ଦୃଷ୍ଟାନ୍ତ ଏହି,—

ଥରେ ଜର୍ଜ ଓ ଭିକ୍ଟର ପିତାଙ୍କ ସଙ୍ଗରେ ଅଶ୍ୱା-ରୋହଣ କରି ବୁଲିବାକୁ ଯାଉଥିଲେ । ସେହି ସମୟରେ

Digitized by srujanika@gmail.com

ଅନେକ ଲୋକ ପଥନିର୍ମାଣ କାର୍ଯ୍ୟରେ ନିଯୁକ୍ତ ଥିଲେ । ସେମାନେ ସସ୍ତ୍ରମ ସମ୍ରାଟଙ୍କୁ ଅଭିବାଦନ କଲେ, ସମ୍ରାଟ ମଧ୍ୟ ସେମାନଙ୍କୁ ପ୍ରତ୍ୟଭିବାଦନ ନ କରି ବାହାରିଗଲେ । ସମ୍ରାଟ ପୁତ୍ରମାନଙ୍କର ସୌଜନ୍ୟର ଅଭାବ ଦେଖି ସେମାନଙ୍କୁ ଅଗ୍ରସର ହେବାକୁ ନିଷେଧ କରି କହିଲେ ଏବେ ଶ୍ରମଜୀବି ମାନଙ୍କ ନିକଟକୁ ଯାଇ ପ୍ରତିନମସ୍କାର କରି ଆସ । କହିବା-ବାହୁଲ୍ୟ ପୁତ୍ରମାନେ ତତ୍କ୍ଷଣାତ୍ ସେହି ଆଦେଶ ପାଳନ କଲେ ॥

ମିଃ ଫୋକ୍‌ସ ଓ ତାଙ୍କର ପତ୍ନୀ ପଞ୍ଚମଜର୍ଜଙ୍କ ଖାସ ଜମିଦାରୀରେ ବାସ କରନ୍ତି । କିଛିକାଳ ପୂର୍ବେ ଜର୍ଜ ତାଙ୍କ ଗୃହକୁ ଯାଇ ସେମାନଙ୍କ ସହିତ ଆଳାପ କଲେ । ବିଦାୟ କାଳରେ ଫୋକ୍‌ସଙ୍କୁ ଗୋଟିଏ ପିକା ଦେବାରୁ ସେ ଜର୍ଜଙ୍କୁ ଧନ୍ୟବାଦ ଦେଇ କହିଲେ,— " ଆମ୍ଭ ଉଣାଦେଉ ସବୁବେଳେ ପିକା କିଣିବାକୁ ଅର୍ଥ ମିଳେ ନାହିଁ, ଏଣୁ ପିକାଖିଆ ଛାଡ଼ି ଦେଇ-ଅଛୁ ।" ଜର୍ଜ ଏହା ଶୁଣି ହାସ୍ୟ କରି ଫେରିଗଲେ । ଏହି ଘଟନାର ଦି ୨।୩ ଦିନ ପରେ ସେ ସ୍ୱହସ୍ତରେ ମିଃ ଫୋକ୍‌ସଙ୍କ ନାମରେ ଖଣ୍ଡିଏ ପତ୍ର ଲେଖି ତାଙ୍କୁ ଜଣାଇ ଦେଲେ ଯେ ତୁମ୍ଭେ ଆମ୍ଭ ଜମିଦାରୀରେ ଦୀର୍ଘକାଳ ହେଲା ବାସ କରୁ-ଅଛ ବୋଲି ତୁମ୍ଭଜୀବନର ଅବଶିଷ୍ଟ କାଳ ତୁମ୍ଭଙ୍କୁ ଆଉ ଘର କର ଦେବାକୁ ହେବନାହିଁ । ଆଶା କରୁଁ ସେହି ଟଙ୍କାରେ ପିକା କିଣି ଖାଇ ପାରିବ । ଏ ଘଟନାରୁ ଜର୍ଜଙ୍କର ପ୍ରଜା-ବତ୍ସଳତା, ସହୃଦୟତା ଏବଂ ନିରଭିମାନତାର ସୁନ୍ଦର ପରିଚୟ ମିଳୁଅଛି । ସେ ନିଜ ଜୀବନରେ " ବନ୍ଧୁ କ୍ଷତ୍ରିୟଂ ପ୍ରଜାନାଂ " ବାକ୍ୟର ସାର୍ଥକତା ସମ୍ପାଦନ କରିଅଛନ୍ତି ଏବଂ କରିବେ ବୋଲି ସମସ୍ତେ ମନରେ ଦୃଢ଼ ଆଶା ପୋଷଣ କରିଅଛନ୍ତି ।

Digitized by srujanika@gmail.com

ଜର୍ଜ୍ ଯୁବରାଜ—ଭାବୀ ଉତ୍ତରାଧିକାରୀ ହେଲେ ମଧ୍ୟ ସେ ନାବିକ ଜୀବନରେ ଲୋକମାନଙ୍କ ସହିତ ଯେପରି ବିନୟ ନମ୍ରବ୍ୟବହାର କରୁଥିଲେ ଯୁବରାଜ ଅବସ୍ଥାରେ ମଧ୍ୟ ଠିକ୍ ସେହିପରି କରୁଥିଲେ । ତାଙ୍କର ପିତା ମାତା, ପିତାମହ ପିତାମହୀ ମଧ୍ୟ ଏହି ପ୍ରକୃତିର ନରନାରୀ । ପଦ୍ମବନ-ଅନ୍ତରରେ କାଉର ଉଦ୍ଭବ ସମ୍ଭବପର କି ?

ଯୁବରାଜ ନିଷ୍କର୍ମୀ ହୋଇ ବସି ରହିବାକୁ ବିଷପରି ମନେ କରନ୍ତି, ଏଣୁ ସେ ଏକ ମିନଟ ସୁଦ୍ଧା ବୃଥା କଷ୍ଟ ନ କରି ନିରନ୍ତର ନାନାକାର୍ଯ୍ୟରେ ନିଯୁକ୍ତ ଥାଆନ୍ତି ଏବଂ ସ୍ୱହସ୍ତରେ କଠିନକାର୍ଯ୍ୟ ଶ୍ରମ ସହିତ ସମ୍ପାଦନ କରିଥାନ୍ତି । ସେ ପ୍ରକୃତରେ ଜଣେ କର୍ମଯୋଗୀ ।

ପୋଷାକ ପରିଚ୍ଛଦ ସମ୍ବନ୍ଧରେ ଯୁବରାଜଙ୍କର କୌଣସି ପ୍ରକାର ଆଡ଼ମ୍ବର—ପାରିପାଟ୍ୟ ନ ଥିଲେ ମଧ୍ୟ ସୈନିକ ପରିଚ୍ଛଦ ପରିଧାନରେ ତାଙ୍କର ଯଥେଷ୍ଟ ଅନୁରାଗ ଥିଲା । ସେ କୌଣସି ସ୍ଥାନକୁ ନିମନ୍ତ୍ରଣରେ ସେହି ପରିଚ୍ଛଦ ପିନ୍ଧି ଯାଉଥିଲେ ।

ଯୁବରାଜ ଜର୍ଜ୍ ମୌନୀ ହେଲେ ମଧ୍ୟ ତାଙ୍କର ବକ୍ତୃତା ଶକ୍ତି ଅତି ଚମତ୍କାର । ସେ ସମୟେ ସମୟେ ଯେଉଁ ସବୁ ହୃଦୟଗ୍ରାହୀ ବକ୍ତୃତା କରନ୍ତି ତାହା ଶ୍ରବଣ କରି ଶ୍ରୋତୃମଣ୍ଡଳୀ ମୁଗ୍ଧ ହୋଇ-ଥାନ୍ତି । ତାଙ୍କ ବକ୍ତୃତାର ପ୍ରତ୍ୟେକ କଥା ଗମ୍ଭୀର ଚିନ୍ତା ପ୍ରସୂତ । ତାଙ୍କର ସମସ୍ତ ବକ୍ତୃତା ପ୍ରବଳ ସହାନୁଭୂତି ବ୍ୟଞ୍ଜକ । ଅନେକ ସମୟରେ ସେ ପୂର୍ବରୁ କିଛି ଚିନ୍ତା ନ କରି ମଧ୍ୟ ସାର ଗର୍ଭକ ଓ ଚିତ୍ତାକର୍ଷକ ବକ୍ତୃତା କରି ଅତୁଳ ଅଭିଜ୍ଞତାର ପରିଚୟ ପ୍ରଦାନ କରିଥାନ୍ତି ।

Digitized by srujanika@gmail.com

ଆମ୍ଭମାନଙ୍କର ନବୀନ ସମ୍ରାଟ ଫୁଟ୍‌ବଲ୍ ଆଦି କ୍ରୀଡ଼ାରେ ସୁପଣ୍ଡିତ, ସନ୍ତରଣ ବିଦ୍ୟାରେ ସୁନିପୁଣ । ସେ ଯେତେବେଳେ ବେହାଣ୍ଡି ଜାହାଜରେ ବସି ଦେଶାଟନରେ ବହିର୍ଗତ ହୋଇଥିଲେ, ସେହିସମୟରେ ଜାହାଜର ଜଣେ ମାଝି ସମୁଦ୍ରରେ ପଡ଼ିଯିବାର ଦେଖି ତତ୍‌କ୍ଷଣାତ୍ ସମୁଦ୍ରକୁ ଡେଇଁପଡ଼ି ତାକୁ ଧରି ପକାଇଲେ, ପରେ ଉଭୟେ ଜାହାଜରେ ଥିବା ଲୋକମାନଙ୍କ ସାହାଯ୍ୟରେ ଉତ୍ତୋଳିତ ହେଲେ । ତାଙ୍କର ସହାୟତା ବ୍ୟତୀତ ମାଝିର ଜୀବନାଶା କିଞ୍ଚିନ୍ମାତ୍ର ନ ଥିଲା । ଏହି ଘଟଣା ତାଙ୍କର ଅତୁଳନୀୟ ସାହସ ଓ ଅପରସୀମା ଦୟାର ଉଜ୍ଜ୍ୱଳତମ ନିଦର୍ଶନ । ଯେ ପରର ପ୍ରାଣ ରକ୍ଷା ସକାଶ ନିଜର ପ୍ରାଣକୁ ବିପନ୍ନ କରିବାକୁ ବିନ୍ଦୁମାତ୍ର କୁଣ୍ଠିତ ନୁହନ୍ତି ସେ ଯେ ନିଶ୍ଚୟ ନରରୂପୀ ଦେବତା ଏଥିରେ ମତ ଦ୍ୱୈଧ ନାହିଁ ।

ଯୁବରାଜ ମୃଗୟାଭିନ୍ନ ଅନ୍ୟ କୌଣସି ବ୍ୟସନରେ ଲିପ୍ତ ନ ଥିଲେ । ସେ ଦଶବର୍ଷ ବୟସ ସମୟରେ ସ୍ୱୀୟ ପିତୃଦେବଙ୍କ ନିକଟରୁ ମୃଗୟା ବିଷୟରେ ଦୀକ୍ଷା ଲାଭ କରି ଯୌବନ କାଳରେ ତଦ୍ୱିଷୟରେ ନିପୁଣତା ଲାଭ କରିଥିଲେ ବନ୍ଧୁକ ଚାଳନାରେ ଏବଂ କମାଣ ଦାଗିବାରେ ସେ ଅବ୍ୟର୍ଥଲକ୍ଷ୍ୟ—ସିଦ୍ଧହସ୍ତ । ଆଉ "ଚଳଲକ୍ଷ୍ୟ ନିପାତନ"ରେ ବର୍ତ୍ତମାନ ଯୁଗରେ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ନାହାନ୍ତି କହିଲେ ଚଳେ । ସେ ମୃଗୟାପ୍ରିୟ ହେଲେ ମଧ୍ୟ କଦାଚିତ୍ ଅକୃତକାର୍ଯ୍ୟ ହେଲେ ତହିଁପାଇଁ ଦୁଃଖିତ ହୁଅନ୍ତି ନାହିଁ । ସେ ସୁଖ ଦୁଃଖରେ ନିର୍ବିକାର ହୋଇ ସଦା ପ୍ରଫୁଲ୍ଲ ଚିତ୍ତରେ କାଳ ଯାପନ କରିଥାନ୍ତି । ସେ ଅଧିକାଂଶ ସମୟରେ ମତ୍ସ୍ୟ ଶିକାରରେ ବହିର୍ଗତ ହୋଇ ସଫଳତା ଲାଭ କରିଥାନ୍ତି ।

Digitized by srujanika@gmail.com

ପ୍ରିନ୍ସ ଜର୍ଜ୍ଜ ଶାରୀରିକ ବ୍ୟାୟାମର ପ୍ରତ୍ୟେକ ବିଷୟରେ ପାରଦର୍ଶୀ। ଅଶ୍ୱାରୋହଣରେ ତାଙ୍କର ସମକକ୍ଷ ବ୍ୟକ୍ତି ଅଳ୍ପ ଅଛନ୍ତି। ସେ ଯୁବରାଜ ଅବସ୍ଥାରେ ମାର୍‌ଲବରୀ ରାଜ ପ୍ରାସାଦରେ ଥାଇ ଶାରୀରିକ ବ୍ୟାୟାମ ସମ୍ବନ୍ଧୀୟ ପୁସ୍ତକ ପାଠ କରି ତଦନୁସାରେ ବ୍ୟାୟାମ କରୁଥିଲେ। ଏହାର ଫଳସ୍ୱରୂପ ତାଙ୍କର ଶରୀର ବଳିଷ୍ଠ ହୋଇଥିଲା।

ଫ୍ରାନ୍ସର ରାଜଧାନୀ ପାରିସ ନଗରର ଇଫେଲଟାୱାର ଉଚ୍ଚତାରେ ସୌଧ ଜଗତରେ ଅତୁଳନୀୟ। ତାହାର ଉଚ୍ଚତା ୧ହଜାର ଫୁଟ। ପ୍ରିନ୍ସ ଜର୍ଜ୍ଜ ଥରେ ତାହା ଦେଖିବାକୁ ଯାଇ ଉକ୍ତ ଟାୱାରର ଉଚ୍ଚଚୂଡ଼ାକୁ ଉଠି ଦେଖିଲେ ଯେ ତାହା ଉପରେ ମାସ୍ତୁଲପରି ଏକ ସୁଦୀର୍ଘ କାଷ୍ଠଖଣ୍ଡ ପ୍ରୋଥିତ ରହିଅଛି। ସେ ଅବଲୀଳାକ୍ରମେ ସେହି କାଷ୍ଠଖଣ୍ଡରେ ଆରୋହଣ କରି ତାହାର ଶୀର୍ଷଦେଶରେ ଉପବିଷ୍ଟ ହେଲେ। ଏହା ଦେଖି ତାଙ୍କର ସଙ୍ଗୀମାନେ ଭୟରେ କମ୍ପିତ କଳେବର କିନ୍ତୁ ପ୍ରିନ୍ସ୍‌ଜର୍ଜ୍ଜ ହାସ୍ୟମୟ। ଏପରି ଅନେକ ସ୍ଥଳରେ ତାଙ୍କର ଅସୀମ ସାହସିକତାର ପରିଚୟ ମିଳିଅଛି।

ବିଭିନ୍ନ ଦେଶର ଡାକଟିକଟ ସଂଗ୍ରହ କରିବା ପ୍ରିନ୍ସ୍ ଜର୍ଜ୍ଜଙ୍କର ବଡ଼ ଆମୋଦଜନକ କାର୍ଯ୍ୟ ଥିଲା। ସେ ବେକାଣ୍ଡି ଜାହାଜରେ ଥିବାବେଳେ ସେହି ଜାହାଜର ଜଣେ ନାବିକ ଭିନ୍ନ ଭିନ୍ନ ଦେଶର କେତେକ ଦୁଷ୍ପ୍ରାପ୍ୟ ଡାକଟିକଟ ଆଣି ତାଙ୍କୁ ଉପହାର ଦେଲା। ଜର୍ଜ୍ଜ ଆନନ୍ଦର ସହିତ ସେହି ଟିକଟଗୁଡ଼ିକ ଗ୍ରହଣ କଲେ ଏବଂ ତାଙ୍କ ହାତରେ ଯେଉଁସବୁ ଟିକଟ ଏକ ଖଣ୍ଡରୁ ଅଧିକ ଥିଲା ତହିଁରୁ ଖଣ୍ଡେ ଖଣ୍ଡେ ସେହି ନାବିକକୁ ପ୍ରଦାନ କଲେ। କିନ୍ତୁ ନାବିକ ତାହା ଗ୍ରହଣ ନ କରି

ସଙ୍କୁଚିତ ଭାବରେ କହିଲା—ବନମସ୍ତେ, ମୋର ଉଦ୍ଦେଶ୍ୟ ନୁହେ ମୁଁ ଡାକଟିକଟ ଗୁଡ଼ିକ ପ୍ରିନ୍‌ସଙ୍କୁ ଉପହାର ଦେଉଅଛି । କ୍ୟାପ୍ଟେନଷ୍ଟ ଜର୍ଜ ଏହା ଶୁଣି ସେ ଦେଇଥିବା ଟିକଟ ଗୁଡ଼ିକ ଫେରାଇ-ଦେଇ କହିଲେ,—"ପ୍ରିନ୍‌ସ୍ ଏପରି ଉପହାର ଗ୍ରହଣ କରିବାକୁ ଅସମର୍ଥ ।"

ପ୍ରିନ୍‌ସ ଜର୍ଜ ଯେପରି ଆଶ୍ରିତବତ୍ସଳ ସେହିପରି ପରଦୁଃଖ ମୋଚନତତ୍ପର । ତାଙ୍କର ହୃଦୟ ଦୟାପୂର୍ଣ୍ଣ ଏବଂ ରୋଗିଙ୍କ ରୋଗ ଯନ୍ତ୍ରଣା ମୋଚନରେ ଅତ୍ୟନ୍ତ କାତର । ସେ ଅନେକବାର କର୍ତ୍ତୃପକ୍ଷୀୟମାନଙ୍କୁ ପୂର୍ବରୁ ସମ୍ବାଦ ନ ଦେଇ ହଠାତ୍ ହାସପାତାଳରେ ଉପସ୍ଥିତ ହୋଇଥାନ୍ତି । ସେଠାର ରୋଗିମାନଙ୍କୁ ସାନ୍ତ୍ୱନା ଓ ଶାନ୍ତି ଦାନର ଚେଷ୍ଟା କରିଥାନ୍ତି । ଏହା ଭିନ୍ନ ସେ ଦୀନ ଦରିଦ୍ରମାନଙ୍କ ପ୍ରତି ଅତି କୃପାଶୀଳ । ସେ କିଛୁକାଳ ପୂର୍ବେ ଆୟର୍ଲଣ୍ଡ ଭ୍ରମଣରେ ଯାଇ ଡବଲିନ ନଗରଠାରେ ଦୀନଜନମାନଙ୍କ ସାହାଯ୍ୟ ସକାଶ ୧୫ ହଜାର ଟଙ୍କା ଦାନ କରିଥିଲେ । ସେ ଦୀନରକ୍ଷା ସକାଶ ଏହିପରି ଅନେକ ଦାନ କରିଥାନ୍ତି ।

ପ୍ରିନ୍‌ସ ଜର୍ଜ ବେକାଣ୍ଟି ଜାହାଜରେ ବସି ଦେଶାଟନ କରୁଥିବା ସମୟରେ ଏକଦା ଉକ୍ତ ଜାହାଜ ତୁରସ୍କର ଅନ୍ତର୍ଗତ ସେଲୋନିକା ବନ୍ଦରଠାରେ ନଙ୍ଗର କରିଥିଲା । ସେହି ଜାହାଜରେ ଇଂଲଣ୍ଡର ରାଜକୁମାର ଥିବାର ଅବଗତ ହୋଇ ତୁରସ୍କର ଜଣେ ସମ୍ଭ୍ରାନ୍ତ ପାଶା ତାହାଙ୍କ ଦେଖିବା ନିମନ୍ତେ ଜାହାଜକୁ ଆଗମନ କରିଥିଲେ । ସେତେବେଳେ ଜର୍ଜ କୋଇଲା ବୋଝେଇ କାର୍ଯ୍ୟରେ ଯୋଗ ଦେଇଥିଲେ । ପାଶାଙ୍କ ଆଗମନ ସମ୍ବାଦ ଶୁଣି ପ୍ରିନ୍‌ସ ତାଙ୍କ ନିକଟକୁ ଆସିଲେ । ସେତେବେଳେ

Digitized by srujanika@gmail.com

ତାଙ୍କର ଶରୀର କୋଇଲା ଗୁଣ୍ଡାରେ କୃଷ୍ଣବର୍ଣ୍ଣ ହୋଇଥିଲା । ପାଶା ତାହାଙ୍କୁ କୌଣସି ପ୍ରକାର ଇଂଲଣ୍ଡର ରାଜପୁତ୍ର ବୋଲି ବିଶ୍ୱାସ କରିପାରିଲେ ନାହିଁ । ଯେତେବେଳେ ସମସ୍ତେ ପୁନଃପୁନଃ ତାହାଙ୍କୁ ରାଜପୁତ୍ର ବୋଲି ପରିଚୟ ଦେଲେ ତେତେବେଳେ ପାଶାଙ୍କର ଆଉ ବିସ୍ମୟର ସୀମା ରହିଲା ନାହିଁ । ଜର୍ଜ୍ଜ କହୁଅଛନ୍ତି,—"ପାଶାଙ୍କ ମୁଖର ତଦାନୀନ୍ତନ ବିସ୍ମିତଭାବ ସେ ଜୀବନରେ ଭୁଲି ପାରିବେନାହିଁ ।"

ପ୍ରିନ୍‌ସ ଜର୍ଜ୍ଜ ୧୮୯୨ ଖ୍ରୀଃ ରେ ଯୁବରାଜ ପଦରେ ବରିତ ହୋଇ ତହିଁ ପରବର୍ଷ ଅର୍ଥାତ୍ ୧୮୯୩ ଖ୍ରୀଃର ଜୁନ ମାସ ୮ ତାରିଖରେ କୁମାରୀ ପ୍ରିନ୍‌ସ ମେରୀଙ୍କ ପାଣିଗ୍ରହଣ କଲେ । ବିବାହୋତ୍ସବ ମହା ସମାରୋହରେ ସମ୍ପନ୍ନ ହୋଇଥିଲା । ମେରୀ, ମହାରାଣୀ ଭିକ୍ଟୋରିୟାଙ୍କର ଜ୍ୟେଷ୍ଠ ତାତ ଭଗିନୀ— ଡଚେସ୍ ଅବ୍ ଟେକ୍‌ଙ୍କର କନ୍ୟା । ସେ ଇଂଲଣ୍ଡର ରାଜବଂଶୀୟା ବୋଲି ଏହି ବିବାହରେ ଇଂଲଣ୍ଡବାସିମାନେ ସମସ୍ତେ ଆନନ୍ଦ ପ୍ରକାଶ କରିଥିଲେ । ଏହି ଶୁଭବିବାହ ଶୁଭଫଳପ୍ରଦ ହୋଇଅଛି । ରାଣୀ ମେରୀ ବର୍ତ୍ତମାନ ପାଞ୍ଚଗୋଟି ପୁତ୍ର ଏବଂ ଗୋଟିଏ କନ୍ୟାର ଜନନୀ । ଜ୍ୟେଷ୍ଠପୁତ୍ର ଆମ୍ଭମାନଙ୍କର ବର୍ତ୍ତମାନ ଯୁବରାଜ ପ୍ରିନ୍‌ସ ଏଡ୍‌ୱାର୍ଡ ୧୮୯୪ ଖ୍ରୀଃରେ ମାତାମହଙ୍କ ଗୃହରେ ଜନ୍ମଗ୍ରହଣ କରିଥିଲେ । ବର୍ତ୍ତମାନ ସେ ଜନକ ଜନନୀଙ୍କ ବିଶେଷ ତତ୍ତ୍ୱାବଧାନରେ ସୁଶିକ୍ଷା ଲାଭ କରୁଅଛନ୍ତି ।

ରାଣୀ ମେରୀ ଯେପରି ରୂପବତୀ, ସେହିପରି ଗୁଣବତୀ ଏବଂ ସୁଶିକ୍ଷିତା । ଶିଳ୍ପବିଦ୍ୟାରେ ସେ ପାରଦର୍ଶିନୀ । ସେ ବାହାରର ଲୋକଙ୍କ ସହିତ ମିଶିବା ଏବଂ ସାମାଜିକ କୌଣସି ଉତ୍ସବରେ ଯୋଗଦେବାରେ ଉତ୍ସାହ ପ୍ରକାଶ କରନ୍ତିନାହିଁ । ଅନାଡ଼ମ୍ବର ଓ

Digitized by srujanika@gmail.com

ନୀରବତା ରାଣୀ ମେରୀଙ୍କର ବିଶେଷତ୍ୱ । ଶାନ୍ତିଭାବରେ କାଳ-ଯାପନ କରିବାର ସ୍ପୃହା ତାଙ୍କର ଏତେଦୂର ପ୍ରବଳ ଯେ ସେ ବାଲ୍ୟକାଳରୁ ସୁଦ୍ଧା କୌଣସି ପ୍ରକାର ଆମୋଦ ପ୍ରମୋଦରେ ଯୋଗ ଦିଅନ୍ତିନାହିଁ ; ତହିଁରେ ଯୋଗଦେବା ଅପେକ୍ଷା ଶିଳ୍ପ ସାହିତ୍ୟାଦି ଆଲୋଚନାରେ ସମୟ କ୍ଷେପଣ କରିବା ସେ ବିଶେଷ ଶ୍ରେୟସ୍କର ମନେ କରୁଥିଲେ । ରାଣୀ ମେରୀ ଯେପରି ନମ୍ରଶୀଳା ସେପରି ଦୟାବତୀ । ନୀରବ ଜୀବନ ଯାପନ ପକ୍ଷେ ରାଣୀ ମେରୀ, ଯୁବରାଜ ଜର୍ଜଙ୍କର ପ୍ରକୃତ ସହଧର୍ମିଣୀ । ଉଭୟଙ୍କର ମିଳନ, ମଣି କାଞ୍ଚନ ସଂଯୋଗପରି ହୋଇଅଛି ।

ପ୍ରିନ୍ସେସ ମେରୀ ଶିଳ୍ପବିଦ୍ୟା ପରି ସଙ୍ଗୀତ ବିଦ୍ୟାରେ ମଧ୍ୟ ସୁପଟୁ । ତାଙ୍କର ଗଳାର ସ୍ୱର ମଧୁର ଅଟେ, ସେ ଉତ୍ତମରୂପେ ଜର୍ମାନ କହିପାରନ୍ତି ଏବଂ ଶୃରଗୋଷ୍ଠି ପ୍ରଧାନ ଭାଷାରେ ଶୁଦ୍ଧରୂପେ ଅନର୍ଗଳ କଥୋପକଥନ କରିପାରନ୍ତି । ସେ ବିବା-ହର ପୂର୍ବେ ମାତାଙ୍କ ପାଖରେ ସବୁବେଳେ ରହି ଗୃହ କାର୍ଯ୍ୟରେ ମାତାଙ୍କୁ ସାହାଯ୍ୟ କରୁଥାନ୍ତି, ଦୀନମାନଙ୍କୁ ଯଥାସାଧ୍ୟ ଦାନ ହାସପାତାଳର ରୋଗିମାନଙ୍କୁ ବିସ୍ତାଦ ପ୍ରଦାନ, ଦରିଦ୍ର ପଡ଼ୋଶୀ ମାନଙ୍କର ତତ୍ତ୍ୱାବଧାନ, ରୋଗିମାନଙ୍କ ନିମନ୍ତେ ପରିଚ୍ଛଦ ପ୍ରସ୍ତୁତ କରଣ, ତାଙ୍କର ପ୍ରିୟ ଓ ନିତ୍ୟକର୍ମ ଥିଲା । ଏହିସବୁ ସାତ୍ତ୍ୱିକ ଗୁଣ ଦେଖି ତାଙ୍କୁ ତାଙ୍କର ଜନନୀ ବିଶେଷ ଭଲ ପାଉଥିଲେ । ସେ ନାନା କାର୍ଯ୍ୟରେ ଲିପ୍ତ ଥିଲେ ମଧ୍ୟ ଅଧ୍ୟୟନ ବିଷୟରେ କିଛି-ମାତ୍ର ଉଦାସୀନ ନ ଥିଲେ । ଇତିହାସପ୍ରତି ତାଙ୍କର ଅଧିକ ଅନୁରାଗ । ସେ ଇଂଲଣ୍ଡର ଇତିହାସ ମନୋଯୋଗପୂର୍ବକ ଅଧ୍ୟୟନ ଓ ଆଲୋଚନା କରି ଅଭିଜ୍ଞତା ଉପାର୍ଜନ କରିଅଛନ୍ତି । ସେ ଯେପରି ଆଦର୍ଶ ଦୁହିତା ସେହିପରି ଆଦର୍ଶ ଜନନୀ । ୧୯୦୧

Digitized by srujanika@gmail.com

ଖ୍ରୀଃରେ ପ୍ରାତଃସ୍ମରଣୀୟା ମହାରାଣୀ ଭିକ୍ଟୋରିୟା ଇହଲୋକ ପରିତ୍ୟାଗ କଲେ । ମହାରାଣୀଙ୍କ ପରଲୋକଯାତ୍ରା ପରେ ଯୁବରାଜ—ପ୍ରିନ୍‌ସ ଅବ୍ ଓ୍ୱେଲ୍‌ସ ସପ୍ତମ ଏଡ୍‌ୱାର୍ଡ ନାମ ଧାରଣ କରି ଇଂଲଣ୍ଡର ରାଜା ଓ ଭାରତର ସମ୍ରାଟ୍ ହେଲେ, ପ୍ରିନ୍‌ସ ଜର୍ଜ୍ଜ ମଧ ଯୁବରାଜ—ପ୍ରିନ୍‌ସ ଅବ୍ ଓ୍ୱେଲ୍‌ସ ହେଲେ । ଏହି ସମୟଠାରୁ ସମ୍ରାଟ ଏଡ୍‌ୱାର୍ଡ ବକିଂହାମ ରାଜପ୍ରାସାଦରେ ଏବଂ ସପତ୍ନୀକ ଯୁବରାଜ ମାର୍ଲବରୀ ରାଜପ୍ରାସାଦରେ ଅବସ୍ଥାନ କଲେ ।

ଏହିବର୍ଷ ( ୧୯୦୧ ଖ୍ରୀଃ ) ଅଷ୍ଟ୍ରେଲିୟାରେ ନୂତନ ପାର୍ଲିୟାମେଣ୍ଟ ସ୍ଥାପନର ସିଦ୍ଧାନ୍ତ ହେଲା । ସମ୍ରାଟ ସପ୍ତମ ଏଡ୍‌ୱାର୍ଡ ସେହି ପାର୍ଲିୟାମେଣ୍ଟ ମୁକ୍ତ ବା ପ୍ରତିଷ୍ଠା କରିବାନିମନ୍ତେ ଯୁବରାଜ ଜର୍ଜ୍ଜଙ୍କୁ ଅଷ୍ଟ୍ରେଲିୟାକୁ ପ୍ରେରଣ କଲେ । ଯୁବରାଜ ସ୍ୱୀୟ ପତ୍ନୀଙ୍କ ସହିତ ପିତାଜ୍ଞା ପାଳନ କରି ଜଳଯାନରେ ଅଷ୍ଟ୍ରେଲିୟା ଯାତ୍ରା କଲେ । ସେଠାର ଲୋକମାନେ ସପତ୍ନୀକ ଯୁବରାଜ ମହୋଦୟଙ୍କୁ ବିଶେଷ ସମ୍ମାନ ଓ ସମାଦରର ସହିତ ଅଭ୍ୟର୍ଥନା କରିଥିଲେ । ତତ୍ପରେ ସେ ଯେଉଁ କାର୍ଯ୍ୟ କରିବା ନିମନ୍ତେ ପ୍ରେରିତ ହୋଇଥିଲେ ତାହା ସୁଚାରୁରୂପେ ସମ୍ପନ୍ନ କରିଥିଲେ । ସେମାନଙ୍କ ଅମାୟିକ ବ୍ୟବହାରରେ ଅଷ୍ଟ୍ରେଲିୟାବାସୀ ପରମ ପ୍ରୀତ ହୋଇ ସେମାନଙ୍କର ଆୟୁରାରୋଗ୍ୟ ବୃଦ୍ଧି କାମନା କରିଥିଲେ ।

୧୯୦୫ ଖ୍ରୀଃରେ ଯୁବରାଜ ଜର୍ଜ୍ଜ ତାଙ୍କର ସହଧର୍ମିଣୀ—ଇଂଲଣ୍ଡର ବର୍ତ୍ତମାନ ରାଜକୁଳଲକ୍ଷ୍ମୀ ମେରୀଙ୍କ ସହିତ ଭାରତ ଭ୍ରମଣ ନିମନ୍ତେ ଶୁଭାଗମନ କରିଥିଲେ । ବିବିଧ ଜାତିର ଅଧ୍ୟୁଷିତ, ବିବିଧ ଧର୍ମର ଲୀଳା ଭୂମି, ବହୁଭାଷାର ବିଳାସକ୍ଷେତ୍ର ବିଶାଳ

Digitized by srujanika@gmail.com

ଭାରତବର୍ଷର ବିବିଧ ବିଚିତ୍ର ଦୃଶ୍ୟ ଓ ବିପୁଳ ମାନବସଙ୍ଘର ତଦପେକ୍ଷା ବିଚିତ୍ର ଜୀବନନାଟକର ଦୈନନ୍ଦିନ ଅଭିନୟ ଏବଂ ସର୍ବୋପରି ଭାରତବାସୀ ହିମାଚଳଠାରୁ ସାଗରସଙ୍ଗମ କନ୍ୟାକୁମାରୀ ପର୍ଯ୍ୟନ୍ତ,—ସିନ୍ଧୁଦେଶଠାରୁ ବ୍ରହ୍ମଦେଶପର୍ଯ୍ୟନ୍ତ ଭାରତର ସର୍ବତ୍ର ରାଜଭକ୍ତିର ଅପୂର୍ବ ଉଚ୍ଛ୍ୱାସ ଦେଖି ଭାରତର ବର୍ତ୍ତମାନ ଅଧୀଶ୍ୱର ଯେପରି ପ୍ରୀତ ଓ ମୁଗ୍ଧ ହୋଇଥିଲେ,— ଭାବୀ ସମ୍ରାଟଙ୍କ ହୃଦୟର ମହତ୍ତ୍ୱ ଚରିତ୍ରର ଔଦାର୍ଯ୍ୟ ଓ ମାଧୁର୍ଯ୍ୟ ଏବଂ ସ୍ୱାଭାବିକ ସାରଲ୍ୟ ଓ ସହୃଦୟତା, ସର୍ବୋପରି ତାଙ୍କର ପ୍ରଜାବତ୍ସଳତା ଓ ଭାରତବାସିଙ୍କ ପ୍ରତି ଆନ୍ତରିକ ସମବେଦନାର ପରିଚୟ ପାଇ ଭାରତର ସମସ୍ତ ଅଧିବାସୀ ସେହିପରି ପ୍ରୀତ ଓ ମୁଗ୍ଧ ହୋଇଥିଲେ ।

ଯୁବରାଜ ମହୋଦୟ ଭ୍ରମଣକାଳରେ ଭାରତ ଓ ବ୍ରହ୍ମଦେଶର ପ୍ରାୟ ସମସ୍ତ ପ୍ରଧାନ ଓ ସୁବିଖ୍ୟାତ ନଗର ଏବଂ କେତେକ ପଲ୍ଲୀଗ୍ରାମ ପରିଦର୍ଶନ କରିଥିଲେ । କେବଳ ଆମୋଦ ପ୍ରମୋଦ ନିମନ୍ତେ ସେ ଏଦେଶକୁ ଆଗମନ କରି ନ ଥିଲେ,— ଭାରତୀୟ ପ୍ରଜାବର୍ଗଙ୍କର ପ୍ରକୃତ ଅବସ୍ଥା ଅବଗତ ହେବା ତାଙ୍କ ଆଗମନର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ସୁତରାଂ ଯେତେବେଳେ ଯେଉଁଠାରେ ଯାହାଙ୍କ ସହିତ ତାଙ୍କର ସାକ୍ଷାତ ହେଉଥିଲା ତାଙ୍କୁ ଦେଶର ଅବସ୍ଥା ସମ୍ବନ୍ଧରେ ବହୁ ପ୍ରଶ୍ନ କରି ଭାରତର ପ୍ରକୃତ ଅବସ୍ଥା ଅବଗତ ହେବାର ଚେଷ୍ଟା କରିଥିଲେ । ସେ ଭ୍ରମଣକାଳରେ ଯେତେବେଳେ ଯେଉଁ ସ୍ଥାନରେ ଶୁଭ ପଦାର୍ପଣ କରିଥିଲେ, ସେତେବେଳେ ସେହି ସ୍ଥାନର ପ୍ରଜାମାନଙ୍କ ଦ୍ୱାରା ମହା ସମାରୋହର ସହିତ ଅଭ୍ୟର୍ଥିତ ହୋଇଥିଲେ । ଦୀର୍ଘକାଳ ଭାରତ ଭ୍ରମଣରେ ଅତିବାହିତ କରି ସପତ୍ନୀକ ଯୁବ-

Digitized by srujanika@gmail.com

ରାଜ ମହୋଦୟ ୧୯୦୬ ଖ୍ରୀଃ ରେ ଇଂଲଣ୍ଡକୁ ଫେରଗଲେ । ତାଙ୍କର ଅଭ୍ୟର୍ଥନା ଉପଲକ୍ଷେ ଲଣ୍ଡନର ଗିଲ୍‌ଡ୍ ହଲରେ ଗୋଟିଏ ସଭା ହୋଇଥିଲା । ଯୁବରାଜ ସେଠାରେ ସାଦରେ ଅଭ୍ୟର୍ଥିତ ହେବାପରେ ଭାରତ ଭ୍ରମଣସମ୍ବନ୍ଧରେ ଯେଉଁ ବକ୍ତୃତା କରଥିଲେ ତହିଁର ସ୍ଥୂଳବିବରଣ ନିମ୍ନରେ ପ୍ରକାଶ କରୁଅଛୁ ।

"ଭାରତବର୍ଷ ଦର୍ଶନ କର ମୁଁ ଯଥେଷ୍ଟ ଆନନ୍ଦ ଲାଭ କରଅଛୁ । ଭାରତବର୍ଷର ଲୋକମାନେ ଆମ୍ଭମାନଙ୍କୁ ସବୁଠାରେ ସଗୌରବ ସମ୍ବର୍ଦ୍ଧନା କରଥିଲେ । ରେଲଓ୍ୱେ ଶକଟରେ ଓ ନଗରେ ନଗରେ ଆମ୍ଭମାନଙ୍କର ସ୍ୱଚ୍ଛନ୍ଦତା ନିମନ୍ତେ ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟ ସୁବନ୍ଦୋବସ୍ତ କରଥିବା ହେତୁ ସେମାନଙ୍କୁ ଆମ୍ଭେ ଧନ୍ୟବାଦ ପ୍ରଦାନ କରୁଅଛୁଁ । ୩୦ ବର୍ଷ ପୂର୍ବେ ଆମ୍ଭର ପୂଜ୍ୟପାଦ ପିତା ମହୋଦୟ ଭାରତର ଯେଉଁ ଯେଉଁ ସ୍ଥାନ ଦର୍ଶନ କରିଥିଲେ ସେହସବୁ ସ୍ଥାନକୁ ଗମନ କର ଅମ୍ଭେ ସେହି ସେହି ସ୍ଥାନର ଲୋକମାନଙ୍କ ମୁଖରୁ ଆମ୍ଭର ପିତୃଦେବଙ୍କର ଯଥେଷ୍ଟ ସୁଖ୍ୟାତର କଥା ଶ୍ରବଣ କରଅଛୁଁ । ସେହି ସ୍ମରଣୀୟ ସମୟକୁ ସେମାନେ ପରମ ଗୌରବର ଦିନବୋଲି ଗୌରବ ପ୍ରକାଶ କରନ୍ତି । ଯେଉଁମାନେ ଅମ୍ଭ ପିତାଙ୍କୁ ସ୍ୱଚକ୍ଷୁରେ ଦେଖିଅଛନ୍ତି,—ସ୍ୱକର୍ଣ୍ଣରେ ତାଙ୍କର ବକ୍ତୃତା ଶ୍ରବଣ କରିଅଛନ୍ତି,—କେବଳ ସେହିମାନେ ଯେ ଗୌରବ ପ୍ରକାଶ କରନ୍ତି ଏପରି ନୁହେ,—ତରୁଣ ବୟସ୍କ ଯୁବକମାନେ ମଧ୍ୟ ଶୁଦ୍ଧପ୍ରମାଣରେ ତାଙ୍କର ଗୌରବ କୀର୍ତ୍ତନ କରିଥାନ୍ତି । ଯେଉଁ ଯେଉଁ ସ୍ଥାନକୁ ଅମ୍ଭେମାନେ ଯାଇଅଛୁଁ ସେହିସବୁ ସ୍ଥାନର ଲୋକମାନେ ପର୍ବ ଦିବସ ପରି ଗୃହକାର୍ଯ୍ୟ ବନ୍ଦ ରଖି ନଗର ଓ ରାଜପଥଆଦି ଉତ୍ତମରୂପେ ସଜ୍ଜିତ କରି ଅମ୍ଭମାନଙ୍କ ପରିତୃପ୍ତି ନିମିତ୍ତ ନାନାପ୍ରକାର ଉତ୍ସବାନୁଷ୍ଠାନ କରିଥିଲେ ।"

Digitized by srujanika@gmail.com

"ଦୁଃଖର ବିଷୟ ଆମ୍ଭର ଭ୍ରମଣ କାଳରେ ଭାରତର ସ୍ଥାନେ ସ୍ଥାନେ ଦୁର୍ଭିକ୍ଷ ହୋଇଥିଲା । ଗୋୟାଲିୟର ରାଜ୍ୟର ଦୁର୍ଭିକ୍ଷର ଶିବିର ପରିଦର୍ଶନ କରି ଆମ୍ଭେ ଅତିଶୟ ଦୁଃଖିତ ହୋଇଥିଲୁଁ । ମାତ୍ର ଦୁର୍ଭିକ୍ଷ ଦମନ ନିମନ୍ତେ ଯେପରି ସୁବନ୍ଦୋବସ୍ତ ହୋଇଥିଲା ତାହା ଦର୍ଶନ କରି ସୁଖୀ ହୋଇଥିଲୁଁ ।"

"ଭାରତର ନାନାସ୍ଥାନର ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କ ସହିତ ସାମୟିକ ବିଷୟରେ କଥୋପକଥନ କରି ଆମ୍ଭେ ଅତ୍ୟଧିକ ପ୍ରୀତି ଅନୁଭବ କରିଅଛୁଁ । ସେମାନଙ୍କର ବଦାନ୍ୟତା ଓ ସଦାଶୟତା ବିଶେଷ ପ୍ରଶଂସନୀୟ । ଭାରତର ପ୍ରାଚୀନ ଆତିଥ୍ୟାନୁଗତ ପଦ୍ଧତି ଅନୁସାରେ ସେମାନେ ଆମ୍ଭମାନଙ୍କୁ ମହାସମାଦରରେ ଅଭ୍ୟର୍ଥନା କରିଥିଲେ । କ୍ଷମତାବାନ୍ ଲୋକମାନଙ୍କର ସାଧାରଣ ହିତକର କାର୍ଯ୍ୟପ୍ରତି ଯଥେଷ୍ଟ ଅନୁରାଗ ଥିବାର ପରିଚୟ ପାଇଅଛୁଁ ।"

"ଭାରତର ସ୍ୱାଧୀନ ନରପତିମାନେ ସୁସଜ୍ଜିତ ଓ ସୁଶିକ୍ଷିତ ସେନାଦଳ ରଖିଅଛନ୍ତି । ଯୁଦ୍ଧ ବିଗ୍ରହ ସମୟରେ ସେମାନେ ଆହ୍ଲାଦପୂର୍ବକ ଆମ୍ଭମାନଙ୍କର ଉପକାରପାଇଁ ସେହିସବୁ ସୈନ୍ୟ ଭାରତ ଗବର୍ଣ୍ଣମେଣ୍ଟଙ୍କ ହସ୍ତରେ ଅର୍ପଣ କରିଥାନ୍ତି ।"

"ପ୍ରତ୍ୟେକ ପ୍ରଦେଶର ଭିନ୍ନ ଭିନ୍ନ ନଗରର ଏବଂ ଭିନ୍ନ ଭିନ୍ନ ଜିଲ୍ଲାର କାର୍ଯ୍ୟପ୍ରଣାଳୀ ଦର୍ଶନରେ ଆମ୍ଭେ ସନ୍ତୋଷଲାଭ କରିଅଛୁ । ଏତାଦୃଶ ବିସ୍ତୃତ ରାଜ୍ୟରେ ଅତି ଅଳ୍ପମାତ୍ର ଇଂରେଜ ବିଚାରପତି ଅଛନ୍ତି, ଅଧିକାଂଶ ବିଚାରପତି ଭାରତବାସୀ । ସେମାନେ ବିଶେଷ ଯୋଗ୍ୟତାର ସହିତ ବିଚାରକାର୍ଯ୍ୟ ନିର୍ବାହ କରୁଅଛନ୍ତି ।"

"ଡିସେମ୍ବର ମାସରେ ରାଉଲପିଣ୍ଡି ଠାରେ ବଡ଼ ସେନାପତି ଲର୍ଡ଼କିଚନାରଙ୍କ ଆଶ୍ରମରେ ଅବସ୍ଥାନ କରିଥିଲୁଁ । ସେଠାରେ

Digitized by srujanika@gmail.com

ଅମ୍ଭେ ୫୦ ହଜାର ସେନାଙ୍କର କବାଏତ୍ ଦେଖିଅଛୁଁ । ସେମାନଙ୍କର ସାଜସଜ୍ଜା ଓ ବଳ ବିକ୍ରମ ଦେଖି ଅମ୍ଭେ ତୁଷ୍ଟ ହୋଇଅଛୁଁ । ଭାରତବାସୀ ସୈନ୍ୟମାନେ ବୀର୍ଯ୍ୟବାନ୍ ଓ ବଳିଷ୍ଠ ଦେହ । ରଣକୌଶଳ ଶିକ୍ଷାରେ ମଧ୍ୟ କୌଣସି ଅଂଶରେ ହୀନ ନୁହନ୍ତି ।”

ଭାରତ ଭ୍ରମଣ କାଳରେ ଅମ୍ଭେ ନାନାସ୍ଥାନରେ ଅନେକ ଗୁଡ଼ିଏ କଲେଜ ଓ ସ୍କୁଲ ପରିଦର୍ଶନ କରି ସୁଖୀ ହୋଇଅଛୁଁ । ଅଲିଗଡ଼ର ମୁସଲମାନ କଲେଜ ଓ ସ୍କୁଲ ଗବର୍ଣ୍ଣମେଣ୍ଟଙ୍କ ସାହାଯ୍ୟ ବ୍ୟତୀତ ପ୍ରଧାନ ପ୍ରଧାନ ଧନୀ ମୁସଲମାନମାନଙ୍କ ବ୍ୟୟରେ ପରିଚାଳିତ ହୁଏ । ଭାରତରେ ସ୍ୱାଧୀନ ବିଦ୍ୟାଳୟର ସଂଖ୍ୟା ବୃଦ୍ଧି ହେଲେ ସହଜରେ ଦେଶବ୍ୟାପିନୀ ଶିକ୍ଷା ବିସ୍ତୃତ ହେବ । ଭାରତରେ ୩୦ କୋଟୀର ଅଧିକ ଲୋକର ବାସ,— ଭିନ୍ନ ଭିନ୍ନ ଜାତି, ଭିନ୍ନ ଭିନ୍ନ ଭାଷା, ଭିନ୍ନ ଭିନ୍ନ ଆଚାର ।”

“ ଭାରତବର୍ଷର ଭୂମି ପରିମାଣ ଅସୀମ, ଭିନ୍ନପ୍ରକାର ଜଳବାୟୁ, ତୁଷାରାବୃତ ପର୍ବତମାଳା, ସୀମାଶୂନ୍ୟ ମରୁଭୂମି, ବୃହତ୍ ବୃହତ୍ ନଦନଦୀ ବିଚିତ୍ର ବିଚିତ୍ର ସ୍ଥାପତ୍ୟ କାର୍ଯ୍ୟ, ଆଶ୍ଚର୍ଯ୍ୟ ଆଶ୍ଚର୍ଯ୍ୟ କାରୁକାର୍ଯ୍ୟ ଖଚିତ କୀର୍ତ୍ତିସ୍ତମ୍ଭ ଦର୍ଶନ କରି ଅମ୍ଭେ ବିସ୍ମୟାପନ୍ନ ହୋଇଅଛୁଁ । ଭାରତବାସିମାନଙ୍କର ଧୈର୍ଯ୍ୟ, ମିତାଚାର, ରାଜଭକ୍ତି ଓ ସ୍ୱଧର୍ମାନୁରାଗ ଏବଂ ଶିଷ୍ଟାଚାର ଅମ୍ଭର ଆନନ୍ଦବର୍ଦ୍ଧନ କରୁଅଛି ।”

ଯୁବରାଜ ମହୋଦୟ ଭାରତଭ୍ରମଣସମୟରେ ଜୟପୁର ଜଙ୍ଗଲରେ ନିଜଜୀବନରେ ସର୍ବପ୍ରଥମ ବ୍ୟାଘ୍ର ଶୀକାର କରିଥିଲେ । ଗୋଟାଏ ବ୍ୟାଘ୍ର ଯୁବରାଜଙ୍କଦ୍ୱାରା ଆକ୍ରାନ୍ତ ହୋଇ ଆତ୍ମରକ୍ଷାନିମନ୍ତେ ପଳାୟନ କଲା, ଯୁବରାଜ ବନ୍ଧୁକହସ୍ତରେ

Digitized by srujanika@gmail.com

ତାହାର ପଶ୍ଚାଦ୍ଧାବିତ ହେଲେ, କିନ୍ତୁ ବହୁ ଚେଷ୍ଟା କରି ସୁଦ୍ଧା ବ୍ୟାଘ୍ରର ଅତିସମୀପବର୍ତ୍ତୀ ହୋଇ ନ ପାରି ଧାବିତ ବ୍ୟାଘ୍ରକୁ ଲକ୍ଷ୍ୟ କରି ଗୁଳି ନିକ୍ଷେପ କଲେ । ଯୁବରାଜଙ୍କ " ଚଳଲକ୍ଷ୍ୟ ନିପାତନ " ରେ ନିଜେ ନିଜର ଦୃଷ୍ଟାନ୍ତ । ଯୁବରାଜ ଗୁଳିରେ ଗତିଶୀଳ ବ୍ୟାଘ୍ର ଭୂପତିତ ହେବାର ଦେଖି ତାଙ୍କର ସହଚର ଅନୁଚରମାନେ ଆଶ୍ଚର୍ଯ୍ୟାନ୍ୱିତ ହେଲେ । ଏହା ବ୍ୟତୀତ ଯୁବରାଜ ଜୟପୁରରେ ଆଉ ଗୋଟାଏ ଭୟଙ୍କର ବ୍ୟାଘ୍ର ଏବଂ ଗୋଟାଏ ଶୂକର, ଗୋଆଲିୟରର ଜଙ୍ଗଲରେ ୬ ଗୋଟା ବ୍ୟାଘ୍ର ୩ ଗୋଟା ଚିତାବାଘ; ୨ ଗୋଟା ଶୂକର, ଓ ବହୁ-ସଂଖ୍ୟକ କ୍ଷୁଦ୍ରଜନ୍ତୁ, ଉଦୟପୁରର ଜଙ୍ଗଲରେ ୩ ଗୋଟା ହାଏନା, ୪ ଗୋଟା ଶୂକର ବନ୍ଧୁକଦ୍ୱାରା ହତ କରି ଏଦେଶର ଲୋକମାନଙ୍କୁ ସ୍ୱୀୟ ମୃଗୟାକୁଶଳତାର ସୁନ୍ଦର ପରିଚୟ ପ୍ରଦାନ କରିଥିଲେ ।

ବିକାନୀର ରାଜ୍ୟରେ ନାନାଜାତୀୟ ଅତିସୁନ୍ଦର ଓ ସୁମିଷ୍ଟସ୍ୱର ପକ୍ଷୀ ବାସ କରନ୍ତି । ସେମାନଙ୍କ ପରି ସତର୍କ ପ୍ରାଣୀ ସଚରାଚର ପରିଲକ୍ଷିତ ହୁଏନାହିଁ । ସେହି ସବୁ ପକ୍ଷୀ ଶୀକାର ନିମନ୍ତେ ସେହିସବୁ ପକ୍ଷିଙ୍କ ଅବାସ ବୃକ୍ଷ ତଳେ ଲତାଗୁଳ୍ମାଚ୍ଛାଦିତ କୁଞ୍ଜୋପମ କୁଟୀରମାନ ନିର୍ମାଣ କରାଯାଇଥିଲା । ଯୁବରାଜ ମହୋଦୟ ଘନାଚ୍ଛାଦିତ ଏକ କୁଟୀରରେ ପ୍ରବେଶ କରି ଅତ୍ୟଳ୍ପ ସମୟ ମଧ୍ୟରେ ୨୦୬ ଗୋଟା ନାନାବର୍ଣ୍ଣ ଚିତ୍ରିତ ପକ୍ଷୀ ଶୀକାର କରିଥିଲେ । କିନ୍ତୁ ସେହି ସମୟ ମଧ୍ୟରେ ତାହାଙ୍କ ସଙ୍ଗି-ମାନଙ୍କ ମଧ୍ୟରୁ କେହି ଶତାଧିକ ପକ୍ଷୀ ସୁଦ୍ଧା ଶୀକାର କରିପାରି ନ ଥିଲେ ।

Digitized by srujanika@gmail.com

ଗତ ୧୯୧୦ ଖ୍ରୀଷ୍ଟାବ୍ଦ ମେ ମାସ୍‌୬ ତାରିଖ ଶୁକ୍ରବାର ରାତ୍ରରେ ଆମ୍ଭମାନଙ୍କର ଭକ୍ତିଭାଜନ ବିବିଧସଦ୍‌ଗୁଣ ସମ୍ପନ୍ନ ସମ୍ରାଟ ସପ୍ତମ ଏଡ୍‌ୱାର୍ଡ଼ ସମସ୍ତ ବ୍ରିଟିଶ ସାମ୍ରାଜ୍ୟଙ୍କୁ ଅକୂଳ ଶୋକସାଗରରେ ଭସାଇ ଦେଇ ଇହଲୋକ ପରିତ୍ୟାଗ କଲେ । ସେହି ଅସହନୀୟ ଗଭୀର ଶୋକରେ ବ୍ରିଟିଶ ସାମ୍ରାଜ୍ୟର ପ୍ରଜାମାନେ ବିଷାଦମଗ୍ନ ହୋଇଥିଲେ । ପୃଥିବୀର ନାନାସ୍ଥାନରୁ ଯୁବରାଜ ଜର୍ଜ୍ଜ ଓ ରାଣୀମାତା ଅଲେକଜାଣ୍ଡ୍ରାଙ୍କ ନିକଟକୁ ଅସଂଖ୍ୟ ସମବେଦନା ପ୍ରକାଶକ ଟେଲିଗ୍ରାମ ପ୍ରେରିତ ହୋଇଥିଲା । ପତିବିୟୋଗ-ବିଧୁରା ରାଣୀମାତା ଅଲେକଜାଣ୍ଡ୍ରା ପ୍ରାପ୍ତ ଟେଲିଗ୍ରାମ ସମୂହର ଉତ୍ତରରେ ପ୍ରଜାମଣ୍ଡଳୀଙ୍କୁ ସମ୍ବୋଧନ କରି ପ୍ରକାଶ କରି-ଅଛନ୍ତି ,—

"ମୋର ଏହି ସର୍ବଗ୍ରାସୀ ଶୋକ ଓ ବାକ୍ୟାତୀତ ମର୍ମ୍ମ-ବେଦନା ସମୟରେ ଉଚ୍ଚ ନୀଚ ସର୍ବଶ୍ରେଣୀର ଲୋକ ଯେଉଁ ହୃଦୟ-ସ୍ପର୍ଶୀ ସମବେଦନା ପ୍ରଦର୍ଶନ କରିଅଛନ୍ତି, ତହିଁ ସକାଶେ ମୋର ଦୀନ ବିଦୀର୍ଣ୍ଣ ହୃଦୟର ଅନ୍ତସ୍ଥଳରୁ ସମସ୍ତ ଜାତି ଓ ମୋର ସମସ୍ତ ହୃଦୟ ପ୍ରଜାବର୍ଗଙ୍କୁ ମୋର ହୃଦ୍‌ଗତ କୃତଜ୍ଞତା ଜ୍ଞାପନ କରିବାକୁ ଇଚ୍ଛା କରେଁ । ପ୍ରେମାସ୍ପଦ ସ୍ୱାମିଙ୍କୁ ହରାଇ ମୁଁ ଯେ କେବଳ ସର୍ବସ୍ୱହୀନ ହୋଇଅଛି ତାହା ନୁହେ କିନ୍ତୁ ସମସ୍ତ-ଜାତି ମଧ୍ୟ ସେମାନଙ୍କ ସର୍ବଶ୍ରେଷ୍ଠ ବନ୍ଧୁ ପିତା ଓ ରାଜାଙ୍କ ଅନ୍ତର୍ଦ୍ଧାନ ହେତୁ ଭରେଭାବରେ ଅପରିପୂରଣୀୟ କ୍ଷତିଗ୍ରସ୍ତ ହୋଇଅଛନ୍ତି । ଈଶ୍ୱର ଆମ୍ଭ ସମସ୍ତଙ୍କୁ ତାଙ୍କର ଅମାନୁଷୀ ଆଶ୍ରୟ ଦାନ କରନ୍ତୁ ଯହିଁରେ ତାହାଙ୍କ ପ୍ରେରିତ ଏହି ଗଭୀର ଶୋକ ଆମ୍ଭେମାନେ ସହ୍ୟ କରି-ପାରୁଁ । ତାଙ୍କର ଇଚ୍ଛା ପୂର୍ଣ୍ଣ ହେଉ ।"

ଆପଣମାନେ ଭଗବଦୁପାସନା ସମୟରେ ମୋତେ ସ୍ମରଣ କଲେ ମୋର ଭାବୀ ଦୁଃଖକଷ୍ଟରେ ତାହା ମୋ ପକ୍ଷେ ବଳ

Digitized by srujanika@gmail.com

ସାନ୍ତ୍ୱନାପ୍ରଦ ହେବ । ମୁଁ ମୋର ସ୍ନେହାସ୍ପଦ ପୁତ୍ରଙ୍କୁ ଆପଣମାନଙ୍କ ହସ୍ତରେ ଅର୍ପଣ କରୁଅଛି । ମୁଁ କହିପାରେଁ ମୋର ପୁତ୍ର ସର୍ବଦା ତାହାଙ୍କ ପିତାଙ୍କ ପଦାଙ୍କାନୁସରଣ କରି ଚଳିବେ । ଆପଣମାନଙ୍କ ନିକଟରେ ମୋର ଶେଷଭିକ୍ଷା ଏହି ଯେ,—କୁମାରଙ୍କ ପିତାଙ୍କ ଉପରେ ଆପଣମାନଙ୍କର ଯେପରି ଭକ୍ତି ଥିଲା ଏହାଙ୍କ ପ୍ରତି ମଧ୍ୟ ସେହିପରି ଭକ୍ତି ଚିର ସ୍ଥିର କରି ରଖିବେ । ମୁଁ ଜାଣେ ମୋର ପୁତ୍ର ଓ ପୁତ୍ରବଧୂ ଆପଣମାନଙ୍କର ଭକ୍ତିର ପାତ୍ର ହେବା ଏବଂ ସେହି ଭକ୍ତି ସ୍ଥାୟୀ ହେବା ନିମନ୍ତେ ଯଥାସାଧ୍ୟ ଚେଷ୍ଟା କରିବେ ।”

ସମ୍ରାଟ ଏଡ଼ୋୟାର୍ଡ଼ଙ୍କ ମୃତ୍ୟୁରେ ଭାରତବାସୀ ଶୋକରେ ମୂହ୍ୟମାନ ହୋଇଅଛନ୍ତି ବୋଲି ବଡ଼ଲାଟ ଲର୍ଡ଼ ମିଣ୍ଟୋ ପଞ୍ଚମ ଜର୍ଜ୍ଜଙ୍କୁ ଜଣାଇଥିଲେ । ସେ ତାହାର ଉତ୍ତରରେ ବଡ଼ଲାଟଙ୍କୁ ଜଣାଇଥିଲେ,—“ମୋର ପରମଭକ୍ତିଭାଜନ ପିତା—ସମ୍ରାଟଙ୍କ ମୃତ୍ୟୁରେ ମୋର ଭାରତସାମ୍ରାଜ୍ୟର ଧର୍ମଜାତି ଓ ସକଳ ଧର୍ମାବଲମ୍ବୀ ପ୍ରଜାମାନେ ଓ ରାଜନ୍ୟବର୍ଗ ଯେଉଁ ସମବେଦନା ଓ ରାଜଭକ୍ତି ପ୍ରକାଶ କରିଅଛନ୍ତି ଆପଣଙ୍କ ପତ୍ରଦ୍ୱାରା ତାହା ଅବଗତ ହୋଇ ମୁଁ ପ୍ରଗାଢ଼ ମର୍ଯ୍ୟାଦାର ସହିତ ତାହା ଗ୍ରହଣ କରିଅଛି । ସମ୍ରାଟ ଏଡ଼ୱାର୍ଡଙ୍କ ମୃତ୍ୟୁରେ ଯେଉଁ ସାର୍ବଲୌକିକ ଶୋକ ପ୍ରକାଶ କରାଯାଇଅଛି ତଦ୍ୱାରା ମୋର ହୃଦୟ ସମ୍ପୂର୍ଣ୍ଣରୂପେ ଦ୍ରବୀଭୂତ ହୋଇଅଛି । ମୃତ ସମ୍ରାଟ ସବୁବେଳେ ତାଙ୍କର ଭାରତ ପରିଦର୍ଶନ ବିଷୟ ଅତି ଅନୁରାଗର ସହିତ ସ୍ମରଣ କରୁଥାନ୍ତି ଏବଂ ଭାରତର କଲ୍ୟାଣକାମନା ସର୍ବଦା ତାଙ୍କ ମନରେ ଜାଗରୂକ ଥାଏ । ମୋର ସିଂହାସନପ୍ରତି ଭାରତର ରାଜନ୍ୟବୃନ୍ଦ ଓ ପ୍ରଜାସମୂହଙ୍କର ଯେଉଁ ପ୍ରଗାଢ଼ ଅନୁରାଗ ଅଛି, ତାହା ମୋର ନିକଟରେ ଅତ୍ୟନ୍ତ ମୂଲ୍ୟବାନ୍ ବୋଧ ହୁଏ । ମୋର ସିଂହା-

ସହାନୁବେଦନ ଉପଲକ୍ଷେ ସେମାନେ ଯେଉଁ ସେବାଞ୍ଜଳି ପ୍ରଦାନ କରିଅଛନ୍ତି ମୁଁ ତାହା ଗ୍ରହଣ କରିଅଛୁ । ଆପଣ ଏକଥା ସେମାନଙ୍କୁ ଜଣାଇଦେବେ ଏହାହିଁ ମୋର ଇଚ୍ଛା ।”

“ଭାରତ ସାମ୍ରାଜ୍ୟର ଶ୍ରୀ ଓ ପୁଣ୍ୟ ଯେପରି ମୋର ପୂର୍ବବର୍ତ୍ତୀ ପରଲୋକଗତା ମହାରାଣୀ ଭିକ୍ଟୋରିଆ ଓ ସମ୍ରାଟ ସପ୍ତମ ଏଡ୍ୱାର୍ଡଙ୍କର ସର୍ବୋଚ୍ଚ ଅନୁରାଗ ଓ ଚିନ୍ତାର ବିଷୟ ଥିଲା ମୋର ମଧ୍ୟ ସର୍ବଦା ସେହିପରି ହେବ ।”

ସମ୍ରାଟଙ୍କର ପରଲୋକଗମନର ପରଦିବସ ଅର୍ଥାତ୍ ୧୯୧୦ ଖ୍ରୀଃ ମେ ମାସ ୭ ତାରିଖ ପ୍ରାତଃକାଳରେ ଯୁବରାଜ ଜର୍ଜ “ ପଞ୍ଚମ ଜର୍ଜ ” ନାମ ଧାରଣକରି ଇଂଲଣ୍ଡର ରାଜସିଂହାସନରେ ଅଧିଷ୍ଠିତ ହେଲେ । ସେ ସେହି ଦିନଠାରୁ ଇଂଲଣ୍ଡର ରାଜା ଓ ଭାରତବର୍ଷର ସମ୍ରାଟ ହେଲେ । ଏଡ୍ୱାର୍ଡଙ୍କ ସ୍ୱର୍ଗଗତିର ଏକ ସପ୍ତାହ ମଧ୍ୟରେ ଏକ ଦିବସରେ ଏବଂ ଏକ ସମୟରେ ବ୍ରିଟିଶ ସାମ୍ରାଜ୍ୟର ସର୍ବତ୍ର ଏହି ଘୋଷଣା ପ୍ରଚାରିତ ହେଲା । ସମସ୍ତେ ଜଗଦୀଶ୍ୱରଙ୍କ ଛାମୁରେ ନବ ସମ୍ରାଟଙ୍କର ଦୀର୍ଘଜୀବନ କାମନା କରିଥିଲେ ।

ପାର୍ଲିଆମେଣ୍ଟ ମହାସଭାର ରାଜପଦରେ ଅଧିଷ୍ଠିତ ହୋଇ ଆମ୍ଭମାନଙ୍କର ନବୀନ ସମ୍ରାଟ ପଞ୍ଚମ ଜର୍ଜ ପ୍ରଜାମାନଙ୍କ ସାକ୍ଷାତ ସକାଶେ ନିମ୍ନୋକ୍ତ ପ୍ରକାରେ ଘୋଷଣା ପ୍ରଚାର କରିଥିଲେ ।

“ମୁଁ ଦୁଃଖର ସହିତ ଜଣାଉଅଛି ଯେ ମୋର ପୂଜ୍ୟପାଦ ପିତୃ ଦେବଙ୍କର ମୃତ୍ୟୁ ହୋଇଅଛି । ସେହି କ୍ଷତି କୌଣସିପ୍ରକାରେ ପୂର୍ଣ୍ଣ ହୋଇ ନ ପାରେ । ଅକସ୍ମାତ୍ ମୋର ଏବଂ ସମସ୍ତ ସାମ୍ରାଜ୍ୟ ଉପରେ ଏହି ବଜ୍ରପାତ

Digitized by srujanika@gmail.com

ମୋର ଭବିଷ୍ୟତ ପ୍ରଜାବର୍ଗ ମୋହ ସଙ୍ଗରେ ଏହ ବିପଦରେ ସହାନୁଭୂତି ପ୍ରକାଶ କରିବେ, ଯେ ପ୍ରଜାଙ୍କ ସୁଖବିଧାନ କରି-ପାରିଲେ ଏବଂ ସେମାନଙ୍କ ସୁଖର ଅଂଶୀ ହୋଇ ପାରିଲେ ଆପଣାକୁ ସୁଖୀ ମନେ କରୁଥିଲେ, ରାଜଭକ୍ତ ପ୍ରଜାବୃନ୍ଦ, ସେମାନଙ୍କର ସେହ ସମ୍ରାଟଙ୍କ ସକାଶେ ଶୋକାର୍ତ୍ତ ହୋଇ-ଅଛନ୍ତି,—ଏହ ଚିନ୍ତାହିଁ ମତେ ଅଶେଷ ସାନ୍ତ୍ୱନା ଦାନ କରୁଅଛି । ମୁଁ ପିତାଙ୍କ ସ୍ନେହରୁ କେବଳ ବଞ୍ଚିତ ହୋଇ-ନାହିଁ,—ପ୍ରିୟତମ ସୁହୃଦ ଓ ସତ୍ପରାମର୍ଶଦାତାଙ୍କ ସ୍ନେହ ଓ ବନ୍ଧୁତ୍ୱ ସମ୍ବନ୍ଧରୁ ବଞ୍ଚିତ ହୋଇଅଛି । ବିଂଶତିଦଶକ ୯ ବର୍ଷ ପୂର୍ବେ ଶ୍ରଦ୍ଧାସ୍ପଦ ପିତୃଦେବ ଏହ ସ୍ଥାନରେ ଦଣ୍ଡାୟମାନ ହୋଇ ଘୋଷଣା କରିଥିଲେ ଯେ,—"ଯେତେଦିନ ତାଙ୍କ ଦେହରେ ପ୍ରାଣ ଥିବ ତେତେଦିନ ପର୍ଯ୍ୟନ୍ତ ସେ ପ୍ରଜାମାନଙ୍କର କଲ୍ୟାଣ ଓ ଉନ୍ନତି ସକାଶେ ପରିଶ୍ରମ କରିବେ । ସେ ଏହ ଘୋଷଣ କାର୍ଯ୍ୟରେ ମଧ୍ୟ ପରିଣତ କରିଥିଲେ । ତାଙ୍କର ପଦାଙ୍କାନୁସରଣ ଓ ଆଇନମୂଳକ ଶାସନପ୍ରଣାଳୀ ରକ୍ଷା କରିବା ମୋର ଜୀବନର ଆନ୍ତରିକ ଲକ୍ଷ୍ୟ ହେବ । ମୋ ଉପରେ ଯେ ଗୁରୁତର ଦାୟିତ୍ୱ ପତିତ ହୋଇଅଛି ତାହା ମୁଁ ଦୃଢ଼ଭାବରେ ଉପଲବ୍ଧି କରୁଅଛି । ମୁଁ ଜାଣେ ଏହ ଗୁରୁତର କର୍ତ୍ତବ୍ୟକର୍ମ ସାଧ-ନାରେ ମୁଁ ପାର୍ଲିୟାମେଣ୍ଟ ଗ୍ରେଟବ୍ରିଟେନ, ଆୟର୍ଲଣ୍ଡ ଓ ସମୁ-ଦ୍ରର ପରପାରବର୍ତ୍ତୀ ମୋର ରାଜ୍ୟସମୂହର ଅଧିବାସିମାନଙ୍କ ସାହାଯ୍ୟ ଉପରେ ନିର୍ଭର କରିପାରେଁ । ଈଶ୍ୱର ଯେପରି ମତେ ଏହ ଗୁରୁଭାର ବହନର ଶକ୍ତିପ୍ରଦାନ କରିବେ ଏବଂ ମୋର ପଥ ପ୍ରଦର୍ଶକ ହେବେ, ଆଶା କରେଁ ତାହିଁ ସକାଶେ ସେମାନେ ପ୍ରାର୍ଥନା କରିବେ । ମୋର ସହଧର୍ମିଣୀ ମଧ୍ୟ ପ୍ରଜାଙ୍କର

Digitized by srujanika@gmail.com

କଲ୍ୟାଣକର କାର୍ଯ୍ୟରେ ମୋର ଚିରସଙ୍ଗିନୀ ହେବେ ଏହା ଜାଣି ମୁଁ ଉତ୍ସାହିତ ହୋଇଅଛୁ ।"

ନବୀନ ସମ୍ରାଟଙ୍କର ଉପରୋକ୍ତ ଘୋଷଣା ଶ୍ରବଣ କରି ଇଂଲଣ୍ଡ ଓ ବ୍ରିଟିଶ ସାମ୍ରାଜ୍ୟର ଅଧିବାସି ସମୂହ ଅଶ୍ରୁସ୍ତ ଓ ଆନନ୍ଦିତ ହୋଇ ବଦ୍ଧ କରପୁଟରେ ମଙ୍ଗଳବିଧାତା ଜଗଦୀଶ୍ୱରଙ୍କ ନିକଟରେ ତାଙ୍କର ଦୀର୍ଘଜୀବନ କାମନା କରିଥିଲେ ।

ସମ୍ରାଟ ପଞ୍ଚମ ଜର୍ଜ୍ଜ ରାଜ୍ୟାଭିଷିକ୍ତ ହୋଇ ଭାରତୀୟ ପ୍ରଜା ସାଧାରଣ ଓ ରାଜନ୍ୟ ବର୍ଗଙ୍କ ମଧ୍ୟରେ ଯେଉଁ ଘୋଷଣା ପ୍ରଚାର କରିଥିଲେ ତହିଁର ମର୍ମ୍ମ ଏହି ଯେ,—

"ଆମ୍ଭର ଶ୍ରଦ୍ଧାସ୍ପଦ ପିତୃଦେବଙ୍କ ଆକସ୍ମିକ ଲୋକାନ୍ତର ଗମନ ନିବନ୍ଧନ ଆମ୍ଭେ ତାଙ୍କର ସିଂହାସନରେ ଆରୋହଣ କରିଅଛୁଁ । ଆମ୍ଭେ ଏ ଦେଶର ପ୍ରାଚୀନ ରାଜବଂଶଧର ଓ ରାଜ-ସିଂହାସନର ବୈଧ ଉତ୍ତରାଧିକାରୀ । ସେଥିପାଇଁ ଆମ୍ଭେ ରାଜ-ମୁକୁଟ ଧାରଣ କରିଅଛୁଁ । ସିଂହାସନରେ ଆରୋହଣ କରି ରାଜା ଓ ସମ୍ରାଟରୂପେ ଆମ୍ଭେ ଆମ୍ଭର ଭାରତ ସାମ୍ରାଜ୍ୟର ସାଧାରଣ ପ୍ରଜାବର୍ଗଙ୍କୁ ଓ ରାଜନ୍ୟ ବୃନ୍ଦଙ୍କୁ ଯଥାଯୋଗ୍ୟ ଅଭିବାଦନ କରୁଅଛୁଁ । ଭାରତବର୍ଷର ବହୁଳ ଜାତି ଓ ସମ୍ପ୍ରଦାୟଭୁକ୍ତ ଅଧିବାସିବର୍ଗ ଇଂଲଣ୍ଡର ରାଜମୁକୁଟ ପ୍ରତି ଏବଂ ବ୍ୟକ୍ତିଗତ ଭାବରେ ଆମ୍ଭର ସିଂହାସନ ପ୍ରତିରେ ଆମ୍ଭ ପ୍ରତି ଯେପରି ରାଜ-ଭକ୍ତି ଓ ଅନୁରକ୍ତି ପ୍ରକାଶ କରିଅଛନ୍ତି ତହିଁ ସକାଶେ ଆମ୍ଭେ ଅନ୍ତରର ସହିତ ସେମାନଙ୍କୁ ଧନ୍ୟବାଦ ପ୍ରଦାନ କରୁଅଛୁଁ । ଗତ ୧୮୫୮ ଖ୍ରୀଃରେ ସ୍ୱର୍ଗୀୟା ମହାରାଣୀ ଭିକ୍ଟୋରିଆ ମହୋଦୟା ସ୍ୱହସ୍ତରେ ଭାରତ ସାମ୍ରାଜ୍ୟର ଶାସନଭାର ଗ୍ରହଣ କାଳରେ ଭାରତୀୟ ରାଜନ୍ୟବର୍ଗ ଓ ଜନସାଧାରଣଙ୍କୁ ଘୋଷଣା ପ୍ରସ

ଙ୍କରେ ଯେଉଁ ଅଭୟବାଣୀ ଶୁଣାଇଥିଲେ, ପଞ୍ଚାଶ ବର୍ଷ ପରେ ତାଙ୍କର ଜଗନ୍ମାନ୍ୟ ପୁତ୍ର ଏବଂ ଆମ୍ଭର ପ୍ରାତଃସ୍ମରଣୀୟ ଶାନ୍ତି-କାମୀ ପିତୃଦେବ ରାଜ୍ୟଭାର ଗ୍ରହଣ ସମୟରେ ସ୍ନେହପର ଆଉ ଗୋଟିଏ ଅଭିଭାଷଣ ପ୍ରଚାର କରିଥିଲେ । ଏହି ଦୁଇ ଘୋଷଣା ସାମ୍ରାଜ୍ୟବାସୀ ପ୍ରଜାପୁଞ୍ଜ ପକ୍ଷରେ ଅଧିକାରମୂଳକ ସନନ୍ଦ ବୋଲି ଗ୍ରାହ୍ୟ ହୋଇ ଆସୁଅଛି । ଏହି ଦୁଇ ଘୋଷଣାର ମର୍ମାନୁସାରେ ଆମ୍ଭେ ଆଜୀବନ ଶାସନଦଣ୍ଡ ପରିଚାଳନ କରିବୁଁ ଆମ୍ଭର ସ୍ୱର୍ଗୀୟ ପିତୃଦେବଙ୍କ ଅଭିପ୍ରାୟ ଅନୁସାରେ ଏବଂ ତାଙ୍କର ଦୃଷ୍ଟାନ୍ତର ଅନୁସରଣ କରି ପାଞ୍ଚବର୍ଷ ପୂର୍ବେ ଆମ୍ଭେ ଭାରତ ସାମ୍ରାଜ୍ୟ ପରିଦର୍ଶନ କରିବାକୁ ଯାଇଥିଲୁଁ । ସେ ସମୟରେ ଆମ୍ଭର ସହଧର୍ମିଣୀ ମଧ୍ୟ ଆମ୍ଭର ଅନୁସଙ୍ଗିନୀ ହୋଇଥିଲେ । ଆମ୍ଭେ ଦୁହେଁ ସାକ୍ଷାତ ସମ୍ବନ୍ଧରେ ଭାରତବର୍ଷର ଇତିହାସ ବିସ୍ତୃତ ବିରାଟ ବିଶାଳ ଜନପଦ ସମୂହ ଇଂଲଣ୍ଡର ସଭ୍ୟତା ଅପେକ୍ଷା ପ୍ରାଚୀନ-ତର ସଭ୍ୟତା, ଆଚାର ବ୍ୟବହାର, ଜୀବନଯାତ୍ରାର ପଦ୍ଧତି, ଦେଶୀୟ ରାଜନ୍ୟବର୍ଗ, ବିଭିନ୍ନ ଶ୍ରେଣୀର ପ୍ରଜାପୁଞ୍ଜ, ରାଜଧାନୀ, ନଗରୀ, ପଲ୍ଲୀ ପ୍ରଭୃତି ସମସ୍ତ ଦର୍ଶନ କରିଅଛୁଁ ଏବଂ ସଙ୍ଗେ ୨ ସେ ସବୁର ପରିଚୟ ମଧ୍ୟ ଗ୍ରହଣ କରିଅଛୁଁ । ଏହି ବିସ୍ମୟୋଦ୍ଦୀପକ ଅପୂର୍ବ ପରିଭ୍ରମଣର ସମୁଜ୍ଜ୍ୱଳ ଚିତ୍ରାବଳୀ ଆମ୍ଭମାନଙ୍କର ମାନସ-ଚକ୍ଷୁରେ ଚିରକାଳ ଜାଜ୍ଜ୍ୱଲ୍ୟମାନ ହୋଇ ରହିବ । କେବେହେଁ ମ୍ଳାନ ହେବନାହିଁ । ଇଂଲଣ୍ଡ ସହିତ ସେମାନଙ୍କର ଯେଉଁ ସମ୍ବନ୍ଧ ତାହା ଅନୁରାଗପୂର୍ଣ୍ଣ ଓ ସ୍ନେହମୟ, ସେହି ସ୍ନେହାନୁରକ୍ତିର ନିଦର୍ଶନ ସମୂହ ଚିରକାଳ ସୁସ୍ପଷ୍ଟଭାବରେ ପ୍ରତିଭାତ ହେବ, କେବେହେଁ ମଳିନ ହେବନାହିଁ । ଆପଣମାନଙ୍କ କର୍ତ୍ତବ୍ୟନିଷ୍ଠା ଏବଂ କାର୍ଯ୍ୟକ୍ଷେତ୍ରରେ ପ୍ରକୃତ ସାହଚର୍ଯ୍ୟ ଉପରେ ଆମ୍ଭେ ଦୃଢ଼-

Digitized by srujanika@gmail.com

ଭାବରେ ନିର୍ଭର କରୁଅଛୁଁ । ସେହି ଅନୁରାଗ ମଧୁର ସମ୍ପର୍କ ସାହଚର୍ଯ୍ୟ ଆମ୍ଭ କାର୍ଯ୍ୟର ଦାୟିତ୍ୱ ଓ ରାଜ କର୍ତ୍ତବ୍ୟତାକୁ ଲଘବ କରିବ । ଭାରତ ସାମ୍ରାଜ୍ୟର କଲ୍ୟାଣ ନିମନ୍ତେ ଯେଉଁ ସ୍ନେହାନୁରାଗ ଓ ସମବେଦନା ବିଶେଷ ଆବଶ୍ୟକ, ଯାହା ଆମ୍ଭର ଶାସନପଦ୍ଧତିର ମୂଳ ନୀତି,—ଆମ୍ଭ ପକ୍ଷରେ ତାହା ଭଗବାନଙ୍କର ଆଦେଶ ସ୍ୱରୂପ ହେବ ଏବଂ ଆପଣମାନେ ଆପଣମାନଙ୍କର ସମବେଦନାପ୍ରତି ସାକ୍ଷାତ ସମ୍ବନ୍ଧରେ ଆନୁକୂଲ୍ୟ ପ୍ରକାଶ କରିବେ । ଏ ବିଷୟରେ ଆମ୍ଭର କିଛିମାତ୍ର ସନ୍ଦେହ ନାହିଁ ।"

ସମ୍ରାଟ ପଞ୍ଚମ ଜର୍ଜ ଆମ୍ଭମାନଙ୍କ ପ୍ରତି କିପରି ସ୍ନେହବାନ୍ ତାହା ତାଙ୍କର ଉକ୍ତ ଘୋଷଣାପତ୍ରର ପ୍ରତିକଥାରେ ପୂର୍ଣ୍ଣରୂପରେ ପ୍ରକାଶମାନ । ଯେତେବେଳେ ସେ ଭାରତ ଓ ଭାରତବାସିମାନଙ୍କ ପ୍ରସଙ୍ଗରେ କୌଣସି କଥା କହିଅଛନ୍ତି ସେତେବେଳେ ତାଙ୍କର ସେହି ବାକ୍ୟ ଐକାନ୍ତିକତା, ଆନ୍ତରିକତା ଓ ବିମଳ ସହାନୁଭୂତିର ଶୁଭ୍ରତାଦ୍ୱାରା ସମୁଜ୍ଜ୍ୱଳ ହୋଇଥାଏ । ସେ ଭାରତରୁ ଫେରି ଯାଇ ଭାରତ ସମ୍ବନ୍ଧେ ବିଲାତରେ ଯେଉଁ ବକ୍ତୃତା କରିଥିଲେ ଏବଂ ସିଂହାସନାରୋହଣ କରି ଯେଉଁ ଘୋଷଣା ପ୍ରଚାର କରିଅଛନ୍ତି ତହିଁରୁ ଉପରୋକ୍ତ ଉକ୍ତିର ଯାଥାର୍ଥ୍ୟ ପ୍ରତିପନ୍ନ ହୋଇଅଛି ।

ଯୁବରାଜ ଜର୍ଜ ସିଂହାସନାରୋହଣ କରି ସେଦେଶର କେତେକ ବନ୍ଦୀଙ୍କର କାରାବାସ ପରିମାଣ ଊଣା କରିଦେଇଅଛନ୍ତି ଏବଂ କେତେକ ବନ୍ଦୀଙ୍କୁ ମୁକ୍ତି ପ୍ରଦାନ କରିଅଛନ୍ତି । ଦିଲ୍ଲୀଦରବାର ସମୟରେ ଭାରତବର୍ଷର ବନ୍ଦୀମାନଙ୍କ ପ୍ରତି ମଧ୍ୟ ସେହିପରି ଅନୁଗ୍ରହ ପ୍ରକାଶ ଏବଂ ଭାରତବାସିମାନଙ୍କୁ କୌଣସି ନୂତନ ସୁବିଧା ବା ଅଧିକାର ପ୍ରଦାନ କରିବେ ବୋଲି ସମସ୍ତେ

Digitized by srujanika@gmail.com

ମନରେ ଆଶା ପୋଷଣ କରିଅଛନ୍ତି । ଏହି ଆଶାର ସଫଳ ଅବଶ୍ୟମ୍ଭାବୀ ।

ବର୍ତ୍ତମାନ ସମ୍ରାଟ ପଞ୍ଚମ ଜର୍ଜ୍ଜଙ୍କର ନୈତିକ ଆଦର୍ଶ ଇଂଲଣ୍ଡର ମଧ୍ୟବର୍ତ୍ତୀ ଶ୍ରେଣୀର ଲୋକଙ୍କ ଅନୁରୂପ । ରୁଷ ସମ୍ରାଟଙ୍କ ପରି ସେ ପାରିବାରିକ ସୁଖ ସ୍ୱାଚ୍ଛନ୍ଦ୍ୟ ମଧ୍ୟରେ ରହିବାକୁ ଅଭିଳାଷୀ । ରାଜ ଦରବାରର ବାହ୍ୟ ଯାକ୍‌ଜମକ ସେ ଭଲ ପାଆନ୍ତି ନାହିଁ । ସେ ତାଙ୍କର ସ୍ତ୍ରୀ ଓ ସନ୍ତାନମାନଙ୍କ ପ୍ରତି ବିଶେଷ ଅନୁରକ୍ତ । ସେମାନଙ୍କ ସଙ୍ଗରେ ସେ ସମୟାତିପାତ କରିବାକୁ ଅତ୍ୟନ୍ତ ଭଲ ପାଆନ୍ତି । ଯେଉଁମାନେ ଉତ୍କୋଚ ଗ୍ରହଣ କରନ୍ତି ସେମାନଙ୍କ ପ୍ରତି ସେ ବିଶେଷ ବିରକ୍ତ । ଅଧ୍ୟୟନ କରିବା ବିଷୟରେ ତାଙ୍କର ଅନୁରାଗ ଅତ୍ୟନ୍ତ ପ୍ରବଳ । ସେ ଗଲ୍ଫ ଓ କ୍ରୀଡ଼ା ଭଲ ପାଆନ୍ତି । ପଞ୍ଚମ ଜର୍ଜ୍ଜ ରାତ୍ର ଘ ୧.୦ ଣ୍ଟା ସମୟରେ ଶୟନ କରି ପ୍ରାତଃ ସାର୍ଦ୍ଧ ୬ ଘଣ୍ଟା ସମୟରେ ଶଯ୍ୟା ତ୍ୟାଗ କରନ୍ତି । ସେ ସାକ୍ଷିଗୋପାଳ ପରି ଖାଲି ହୋଇ ରହିବାକୁ ଇଚ୍ଛା କରନ୍ତି ନାହିଁ;— ରାଜକାର୍ଯ୍ୟ ସୂକ୍ଷ୍ମଭାବରେ ପର୍ଯ୍ୟାଲୋଚନା କରିବା ତାଙ୍କର ଅଭିପ୍ରେତ । ତାଙ୍କର ବୟସ ବର୍ତ୍ତମାନ ୪୪ ବର୍ଷ । ରାଜକାର୍ଯ୍ୟର ଜଟିଳ ପ୍ରଶ୍ନଗୁଡ଼ିକ ସେ ମନଯୋଗର ସହିତ ଅଧ୍ୟୟନ କରିଅଛନ୍ତି । ତାଙ୍କର ଆକାଙ୍କ୍ଷା ଉଚ୍ଚ, କର୍ତ୍ତବ୍ୟଜ୍ଞାନ ଦୃଢ଼ । ସେ ବେଶ୍ ସୁଶୃଙ୍ଖଳାର ସହିତ ଏବଂ ଅତିଚଞ୍ଚଳରେ କର୍ତ୍ତବ୍ୟ କାର୍ଯ୍ୟ ସମ୍ପାଦନ କରିଥାନ୍ତି, ସୁତରାଂ ତାଙ୍କର କେବେହେଲେ ସମୟର ଅଭାବ ଘଟେ ନାହିଁ । ଷ୍ଟେଡ଼ ନାମକ ଜଣେ ସାହେବ ଲଣ୍ଡନର "ଡେଲିନ୍ୟୁଜ୍" ନାମକ ପତ୍ରିକାରେ ଲେଖିଅଛନ୍ତି,—"ରାଜା ପଞ୍ଚମ ଜର୍ଜ୍ଜଙ୍କୁ ଦେଖିଲେ ବୋଧହୁଏ ସେ ରୁଷ ସମ୍ରାଟ ଦ୍ୱିତୀୟ ନିକୋଲସଙ୍କର ଦେହ

Digitized by srujanika@gmail.com

ଏବଂ ଇଂଲଣ୍ଡର ଭୂତପୂର୍ବ ରାଜା ତୃତୀୟ ଜର୍ଜଙ୍କର ମନ ନେଇ ଅବତୀର୍ଣ୍ଣ ହୋଇଅଛନ୍ତି ।" ଆମ୍ଭମାନଙ୍କର ନବୀନ ସମ୍ରାଟ ଯେତେ ଭ୍ରମଣ କରିଅଛନ୍ତି ଏପରି ଅନ୍ୟ କୌଣସି ରାଜା ବା ରାଜ-ପୁତ୍ର କରିନାହାନ୍ତି । ଭ୍ରମଣଦ୍ୱାରା ସେ ବିଶେଷ ଅଭିଜ୍ଞତା ଉପା-ର୍ଜନ କରିଅଛନ୍ତି । ତାଙ୍କର ସେହି ଅଭିଜ୍ଞତା ଏବଂ ଦେବୋପମ ଅଶେଷ ଗୁଣାବଳୀର ସୁଫଳ ଉପଭୋଗ କରିବା ନିମନ୍ତେ ତାଙ୍କର ସାମ୍ରାଜ୍ୟବାସୀ ପ୍ରଜାସାଧାରଣ ଆଶାପୂର୍ଣ୍ଣ ନେତ୍ରରେ ସୁସମ-ୟକୁ ଅପେକ୍ଷା କରୁଅଛନ୍ତି । ସେମାନଙ୍କର ଆଶାର ସଫଳତା ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଅଛୁଁ ।

ଗତଥର ୧୯୧୧ ଖ୍ରୀ: ଜୁନମାସ ୨୨ ତାରିଖଦିନ ନବୀନ ସମ୍ରାଟଙ୍କର ଅଭିଷେକ କ୍ରିୟା ମହାସମାରୋହରେ ସମ୍ପନ୍ନ ହୋଇଯାଇଅଛି । ସେହି ଅଭିଷେକୋତ୍ସବରେ ଯୋଗଦେବା ନିମନ୍ତେ ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଶାସନାଧୀନ ସକଳ ସ୍ଥାନର ପ୍ରତିନିଧିମାନେ, ବନ୍ଧୁ ରାଜା—ସମ୍ରାଟଙ୍କର ପ୍ରତିନିଧିମାନେ, ନାନାଦେଶର ଅନେକ ଦର୍ଶକ, ଭାରତର ଅନେକ ସୈନ୍ୟ, କେତେକ ପ୍ରତିନିଧି ଏବଂ ପ୍ରସିଦ୍ଧ ନରପତି ଲଣ୍ଡନକୁ ଯାଇଥିଲେ । ଉତ୍ସବର ବର୍ଣ୍ଣନା ବଚନାତୀତ । ନଗରର ସଜ୍ଜା ଓ ଆଲୋକ ନିମନ୍ତେ ୧୫ ଲକ୍ଷଟଙ୍କା ଖରଚ ହୋଇଥିଲା ଏବଂ ଶାନ୍ତିରକ୍ଷା ସକାଶେ ଆମ୍ଭମାନଙ୍କର ଭୂତପୂର୍ବ ବଡ଼ସେନାପତି ଲର୍ଡ କିଚନାରଙ୍କୁ ନିଯୁକ୍ତ କରାଯାଇ ତାଙ୍କ ଅଧୀନରେ ୪୫ ହଜାର ସୈନ୍ୟ ଏବଂ ଅତିରିକ୍ତ ପୋଲିସ ରଖାଯାଇଥିଲା । ସେ ପ୍ରାୟ ୬୦ ହଜାରଲୋକ ନେଇ ସୁନ୍ଦରରୂପେ ଶାନ୍ତିରକ୍ଷା କରିଥିଲେ । ଏହି ଦୁଇ ସମ୍ବାଦରୁ ଉତ୍ସବ ଉପଲକ୍ଷେ କିପରି ଜନତା ଏବଂ

Digitized by srujanika@gmail.com

କପଟ ବିଗ୍ରହ ଆୟୋଜନ ହୋଇଥିଲା ତାହା ପାଠକମାନେ ବିବେଚନା କରନ୍ତୁ ।

ଅଭିଷେକ ବାସରରେ ସମ୍ରାଟମହୋଦୟ ତଦୀୟ ସହଧର୍ମିଣୀଙ୍କ ସହିତ ଜନତା ମଧ୍ୟ ଦେଇ ସୁସଜ୍ଜିତ ରାଜମାର୍ଗରେ ଅଷ୍ଟାଶ୍ୱ ଯୋଜିତ ଶକଟରେ ଆଗମନ କରି ଅତି ସୁନ୍ଦରରୂପେ ସଜ୍ଜିତ ହୋଇଥିବା ଓଏଷ୍ଟମିନଷ୍ଟାର ଆବକାମନ ସ୍ୱଭାବରମଣୀୟ ଭଜନାଳୟରେ ଉପସ୍ଥିତ ହେଲେ । ସେସମୟରେ ୭ ହଜାର ଗଣ୍ୟମାନ୍ୟ ଲୋକ ସେହି ଭଜନାଳୟରେ ଆସୀନ ଥିଲେ । ସମ୍ରାଟଙ୍କ ପ୍ରବେଶପରେ କ୍ୟାଣ୍ଟର ବରିର ଆର୍ଚ୍ଚବିଶପ—ପ୍ରଧାନ ପୁରୋହିତଙ୍କର ସମ୍ମୁଖୀନ ହୋଇ ଚିରାଚରିତ ପ୍ରଥାନୁସାରେ କେତେକ ପ୍ରାଚୀନ ପ୍ରତିଶ୍ରୁତିର କଥା ଉଲ୍ଲେଖ କରି ତହିଁର ଉତ୍ତର ଶ୍ରବଣ କରିଥିଲେ । ଯଥା,

ପୁରୋହିତ—ଆପଣ କଅଣ ଶପଥ ଗ୍ରହଣ କରିବାକୁ ସମ୍ମତ ଅଛ ?

ସମ୍ରାଟ—ହଁ, ମୁଁ ସମ୍ମତ ଅଛି ।

ପୁ— ଆପଣ ପାର୍ଲିୟାମେଣ୍ଟର ବିଧିବ୍ୟବସ୍ଥା ଏବଂ ଦେଶର ଚିରପ୍ରସିଦ୍ଧ ବ୍ୟବହାର ଓ ପ୍ରଥା ମାନ ପ୍ରଜାଶାସନ କରିବାପାଇଁ ପ୍ରତିଶ୍ରୁତ ହୋଇ ଶପଥ କରିବେକି ?

ସ— ମୁଁ ନିଶ୍ଚୟରେ ସେବିଷୟରେ ପ୍ରତିଜ୍ଞାପାଶରେ ଆବଦ୍ଧ ହେଲି ।

ପୁ— ଆପଣ ବିଚାର କାର୍ଯ୍ୟର ବିଧିବ୍ୟବସ୍ଥା ଓ ନ୍ୟାୟ ଦୟାର ପ୍ରଦର୍ଶନ କରି ଚଳିବେକି ?

ସ— ହଁ, ସେସବୁ ବିଷୟରେ ଅବଶ୍ୟ ଦୃଷ୍ଟି ରଖିବି ।

Digitized by srujanika@gmail.com

ପ୍ର— ଆପଣ ଧର୍ମମତରେ,— ଧର୍ମଶାସ୍ତ୍ରରେ ମତ ରଖିବେତ ? ଇଂଲଣ୍ଡସ୍ଥ ଧର୍ମମନ୍ଦିର ସମୂହର ଚିରପ୍ରତିଷ୍ଠିତ ନିୟମ, ଉପାସନା ପ୍ରଣାଳୀ ଓ ବିଧିବ୍ୟବସ୍ଥା ସ୍ଥିର ଓ ଅକ୍ଷୁଣ୍ଣ ରଖିବେତ ? ପାଦ୍ରୀ ମାନଙ୍କର ଯେଉଁସବୁ ସ୍ୱତ୍ୱ ଓ ଅଧିକାର ଅଛି ସେସବୁ ଅବ୍ୟାହତ ରଖିବେତ ?

ସ— ମୁଁ ଏହିସବୁ କଥାର କୌଣସି ବିଷୟରେ ବ୍ୟତିକ୍ରମ କରିବନାହିଁ ।

ଏହାପରେ କଥୋପକଥନ ପରେ ସମ୍ରାଟ ପବିତ୍ର ବେଦୀର ସୋପାନରେ ପ୍ରାର୍ଥନା କରିବାପରି ବସି ବାଇବେଲ (ଧର୍ମ ଶାସ୍ତ୍ର) ସ୍ପର୍ଶ କରି କହିଲେ,—"ହେ ଈଶ୍ୱର ! ଯେଉଁସବୁ ବିଷୟରେ ମୁଁ ପ୍ରତିଜ୍ଞାବଦ୍ଧ ହେଲି ସେହିସବୁ ପ୍ରତିଜ୍ଞାପାଳନ ସକାଶେ ତୁମ୍ଭେ ମୋତେ ଶକ୍ତି ପ୍ରଦାନ କର ।" ଅତଃପର ସେ ବାଇବେଲ ଚୁମ୍ବନ ଏବଂ ପ୍ରତିଜ୍ଞାପତ୍ରରେ ସ୍ୱାକ୍ଷର କଲେ । ତଦନନ୍ତର ଏକେତେକ ଅନୁଷ୍ଠାନ ହେବାପରେ ପ୍ରଧାନ ପୁରୋହିତ ତାଙ୍କ ହସ୍ତରେ ତରବାରି ପ୍ରଦାନ କରି କହିଲେ, "ଆପଣ ନ୍ୟାୟ ବିଧାନ କରିବେ । ଅସାମ୍ୟଭାବ ଉତ୍ପତ୍ତି ନ ହେବାପ୍ରତି ଦୃଷ୍ଟି ରଖିବେ । ଧର୍ମମନ୍ଦିରମାନ ରକ୍ଷା କରିବେ । ବିଧବା ଓ ଅନାଥ ଶିଶୁମାନଙ୍କୁ ସାହାଯ୍ୟ କରିବେ । ଜୀର୍ଣ୍ଣପ୍ରାପ୍ତ ଦ୍ରବ୍ୟ ସମୂହର ପୁନଃ ସଂସ୍କାର କରିବେ । ସଂସ୍କୃତ ଦ୍ରବ୍ୟାଦି ରକ୍ଷା କରିବେ । ପାପ କାର୍ଯ୍ୟର ଶାସନ ଓ ପୁଣ୍ୟ କାର୍ଯ୍ୟର ସଂରକ୍ଷଣ କରିବେ ।" ଏହାପରେ ସେ ସମ୍ରାଟଙ୍କୁ କ୍ରମରେ ରତ୍ନ ଅଙ୍ଗୁରୀ, ଏବଂ କ୍ରୂଶସଂଯୁକ୍ତ ରାଜଦଣ୍ଡ ଯଥାବିଧି ପ୍ରଦାନ କଲେ । ତଦନନ୍ତର ସମ୍ରାଟଙ୍କ ବାମହସ୍ତରେ ଅନ୍ୟ ଏକ ରାଜଦଣ୍ଡ ପ୍ରଦାନ କରି କହିଲେ,—"ଆପଣ ଦୟା ଓ ସାମ୍ୟର ନିଦର୍ଶନ ସ୍ୱରୂପ ଏହି ଦଣ୍ଡ ଗ୍ରହଣ କରନ୍ତୁ, ଆପଣ ଏପରି ଭାବରେ ଦୟା କରିବେ

Digitized by srujanika@gmail.com

ଯେ ଯହିଁରେ ନ୍ୟାୟର ମର୍ଯ୍ୟାଦା ନଷ୍ଟ ନ ହେବ । ଆଉ ଏପରି ଭାବରେ ବିଚାର କରିବେ ଯେ ତଦ୍ଦ୍ୱାରା ନ୍ୟାୟର ମର୍ଯ୍ୟାଦା ସୁରକ୍ଷିତ ହେବ । ଆପଣ ଶିଷ୍ଟର ପାଳନ ଓ ଦୁଷ୍ଟର ଶାସନ କରନ୍ତୁ । ଯେଉଁ ପଥରେ ପ୍ରକୃତିପୁଞ୍ଜ ଚାଲିବା ଉଚିତ ଆପଣ ସେହି ପଥରେ ସେମାନଙ୍କୁ ପରିଚାଳିତ କରନ୍ତୁ । ଅତଃପର ରାଜା ଓ ରାଣୀଙ୍କୁ ରାଜମୁକୁଟ ପ୍ରଦାନ କରାଗଲା । ସେମାନେ ତାହା ଧାରଣ କରିବା ପରେ ରାଜସିଂହାସନରେ ବସି ପ୍ରଜାମାନଙ୍କର ଶ୍ରଦ୍ଧାର ପୂଜା ଗ୍ରହଣ କରିଥିଲେ । ଅଭିଷେକ ପରେ ସମ୍ରାଟ ସହଧର୍ମିଣୀଙ୍କ ସହିତ ଖୋଲା ଗାଡ଼ିରେ ବସି ପ୍ରତ୍ୟାଗମନ କରିବାରୁ ଦର୍ଶକମାନେ ତାଙ୍କର ଦର୍ଶନ ଲାଭ କରି ଆନନ୍ଦର ସହିତ ସେମାନଙ୍କର ଦୀର୍ଘଜୀବନ କାମନା କରିଥିଲେ ।

ଅଭିଷେକ ଦିବସ ଯେ କେବଳ ଲଣ୍ଡନ ବା ଇଂଲଣ୍ଡରେ ଉତ୍ସବ ହୋଇଥିଲା ଏପରି ନୁହେଁ,—ସରକାରୀ ଆଦେଶ ବା ସଙ୍କେତ କିଛି ନ ଥିଲେ ମଧ୍ୟ ଭାରତର ରାଜଭକ୍ତ ପ୍ରଜାମାନେ ଭାରତର ନଗରେ ନଗରେ ଗ୍ରାମେ ଗ୍ରାମେ ଦୀନ ଦରିଦ୍ରଙ୍କୁ ଦାନ, ଦେବାର୍ଚ୍ଚନା, ସମ୍ରାଟ ଦମ୍ପତିଙ୍କର ଦୀର୍ଘଜୀବନ କାମନା, ସଭାସମିତି, ଆତସବାଜୀ ନୃତ୍ୟ ଗୀତାଦି ନାନାପ୍ରକାର ଆନନ୍ଦୋତ୍ସବ କରିଥିଲେ ।

ଅଭିଷେକ ଦିବସ ଆମ୍ଭମାନଙ୍କର ମହାମାନ୍ୟ ରାଜପ୍ରତିନିଧି ଏବଂ ଗବର୍ଣ୍ଣର ଜେନେରେଲ ଲର୍ଡ ହାର୍ଡିଂ ଭାରତ ଗବର୍ଣ୍ଣମେଣ୍ଟ ଏବଂ ଭାରତବାସିମାନଙ୍କ ପକ୍ଷରୁ ସମ୍ରାଟ ଓ ତାଙ୍କ ସହଧର୍ମିଣୀଙ୍କ ତାର ଯୋଗେ ରାଜଭକ୍ତି ଜ୍ଞାପନ କରିଥିଲେ, ସମ୍ରାଟ ତଦୁତ୍ତରରେ ଲର୍ଡ ହାର୍ଡିଂଙ୍କ ଜଣାଇଅଛନ୍ତି,—"ରାଜ୍ୟାଭିଷେକ

Digitized by srujanika@gmail.com

ଅବସରରେ ଭାରତ ଗଭର୍ଣ୍ଣମେଣ୍ଟ ଏବଂ ଭାରତୀୟ ପ୍ରଜାମାନଙ୍କ ପ୍ରତିନିଧି ସ୍ୱରୂପ ଆପଣ ଯେଉଁ ଆନନ୍ଦ ଜ୍ଞାପନ କରିଅଛନ୍ତି ତହିଁରେ ଆମ୍ଭର ସହଧର୍ମିଣୀ ଓ ଆମ୍ଭେ ଆନନ୍ଦିତ ହୋଇଅଛୁଁ । ସେମାନଙ୍କୁ ଆମ୍ଭମାନଙ୍କର ଆନ୍ତରିକ ଧନ୍ୟବାଦ ଜଣାଇ ଦେବେ ଏବଂ କହିବେ ଯେ ସେମାନଙ୍କ ରାଜଭକ୍ତି ପ୍ରଣୋଦିତ ହୃଦୟର ଭାବ ଆମ୍ଭେ ଅନୁଭବ କରିପାରିଅଛୁଁ ।"

ଆମ୍ଭମାନଙ୍କର ସହାଶୟ ସମ୍ରାଟ ବାଳକ ବାଳିକାମାନଙ୍କ ସ୍ନେହ ଚକ୍ଷୁରେ ଦେଖନ୍ତି । ସେ ଅଭିଷେକ ଉପଲକ୍ଷେ ଲଣ୍ଡନର ବାଳକ ବାଳିକାମାନଙ୍କ ଆମୋଦ ପ୍ରମୋଦର ସୁବ୍ୟବସ୍ଥା କରିଥିଲେ । ସ୍ପେଶାଲ ଟ୍ରେନ ବା ଅତିରିକ୍ତ ରେଲଗାଡ଼ୀଦ୍ୱାରା ବାଳକ ବାଳିକାମାନଙ୍କୁ କ୍ରିଷ୍ଟାଲ ପ୍ରାସାଦକୁ ଆଣାଇ ସେମାନଙ୍କୁ ସୁଖାଦ୍ୟ ପ୍ରଦାନ କରିଥିଲେ ଏବଂ ସେମାନଙ୍କ ଚିତ୍ତରଞ୍ଜନ ନିମିତ୍ତେ ନାନା ଆୟୋଜନ କରିଥିଲେ । ସେହି ମିଳନ କ୍ଷେତ୍ରରେ ସମ୍ରାଟ ମହୋଦୟ ଦୁଇପୁତ୍ର ଓ ପତ୍ନୀଙ୍କ ସହିତ ଉପସ୍ଥିତ ଥିଲେ । ସମବେତ ବାଳକମାନେ ଆନନ୍ଦ ଧ୍ୱନି କରି ସପତ୍ନୀକ ସମ୍ରାଟଙ୍କର ଅଭ୍ୟର୍ଥନା କରିଥିଲେ । ସମ୍ରାଟ ଏକସମୟରେ ଏକସ୍ଥାନରେ ଲକ୍ଷ ସଂଖ୍ୟକ ବାଳକ ବାଳିକା ଦେଖି ଯେପରି ଆନନ୍ଦିତ ହୋଇଥିଲେ ସେମାନଙ୍କର ଶାନ୍ତଭାବ, ଶିଷ୍ଟାଚାର, ରାଜଭକ୍ତି ଓ ଆତ୍ମସଂଯମ ଦେଖି ସେହିପରି ପ୍ରୀତ ହୋଇଥିଲେ । ସେ ଏ ସବୁ ଦେଖି କହିଅଛନ୍ତି,—" ଏ ଦୃଶ୍ୟ ମୁଁ ବିସ୍ମୃତ ହୋଇ ପାରିବି ନାହିଁ, ଲଣ୍ଡନରେ ଯେ ଏପରି ବାଳକ ବାଳିକା ଜନ୍ମିଅଛନ୍ତି ଲଣ୍ଡନ ପକ୍ଷରେ ଏହା ଗୌରବର ବିଷୟ । ସେମାନଙ୍କର ବ୍ୟବହାର ଦେଖି ବିଶ୍ୱାସ ହୁଏ ଯେ ଏଦେଶର ଭବିଷ୍ୟତ ଉଜ୍ଜଳମୟ ଅଟେ ।"

Digitized by srujanika@gmail.com

କବୀନ ସମ୍ରାଟ ଏବଂ ଉଦାର ମହର୍ଷୀଙ୍କର ସଂକ୍ଷିପ୍ତ ପରିଚୟ ପାଠକମାନଙ୍କୁ ଜଣାଇଲୁଁ । ଏଥିରୁ ପାଠକମାନେ ତାଙ୍କର ସଙ୍ଗତେ ମୁଣ୍ଡାକ୍ଷମତା, ସହୃଦୟତା, ପ୍ରଜାବତ୍ସଳତା, ସାହସିକତା • ପରୋପକାରିତା ଆଦି ଦେବଦୁର୍ଲ୍ଲଭ ଗୁଣର ପରିଚୟ ପ୍ରାପ୍ତ ହୋଇ ପରମପ୍ରୀତ ହେବେ ଏବଂ ସେ ସପରିବାରରେ ଚିରଞ୍ଜୀବୀ, ହୋଇନ୍ତୁ ବୋଲି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବେ ବୋଲି ବିଶ୍ୱାସ କରୁଁ ।

ଆମ୍ଭମାନଙ୍କର ବର୍ତ୍ତମାନ ସମ୍ରାଟ ଆପଣାର ସହଧର୍ମିଣୀଙ୍କ ସହିତ ଆପଣାର ପୁତ୍ରୋପମ ପ୍ରଜାମାନଙ୍କୁ ଦେଖିବା ନିମନ୍ତେ ଆଗାମୀ ଡିସମ୍ବର ମାସରେ ଏଦେଶକୁ ଆଗମନ କରି ସେହି ମାସ ୧୨ ତାରିଖରେ ଦିଲ୍ଲୀନଗରରେ ଏକ ଦରବାର କରିବେ, ତଦୁପଲକ୍ଷେ କେତେକ ମାସ ପୂର୍ବରୁ ବିପୁଳ ଆୟୋଜନ ଲାଗି-ଅଛି । ଦରବାର ନିମନ୍ତେ ସୁବିଶାଳ ସମତଳକ୍ଷେତ୍ର ନିର୍ବାଚନ କରାଯାଇ ରେଲଷ୍ଟେଶନଠାରୁ ଦରବାର କ୍ଷେତ୍ରପର୍ଯ୍ୟନ୍ତ ଯାତାୟତର ସୁବିଧା ପାଇଁ ରେଲପଥ ପ୍ରସ୍ତୁତ ହୋଇଅଛି । କବାଏତ ନିମନ୍ତେ ୧୨ ହଜାର ସୈନ୍ୟର ସମାଗମ ହେବ । ଦରବାର ଉପଲକ୍ଷେ ସମାଗତ ବ୍ୟକ୍ତିମାନଙ୍କ ସମ୍ବାଦ ଆଦାନ ପ୍ରଦାନର ସୁବିଧା ନିମନ୍ତେ ଦରବାର କ୍ଷେତ୍ରମଧ୍ୟରେ ଗୋଟିଏ ସେଣ୍ଟ୍ରାଲ ପୋଷ୍ଟାଫିସ ଅଧୀନରେ ୫୦ ଗୋଟା ପୋଷ୍ଟାଫିସ ସ୍ଥାପନ କରାଯିବ । ୮ଲକ୍ଷ ଦର୍ଶକଙ୍କର ଆମୋଦ ପ୍ରମୋଦ ଏବଂ ଭୋଜନର ବ୍ୟବସ୍ଥା କରାଯିବ । ଏଥିର ଦରବାରର ବିରାଟତା ସହଜରେ ଅନୁମେୟ । ପୁରାଣ କର୍ତ୍ତିତ ଯୁଧିଷ୍ଠିରଙ୍କର ରାଜସୂୟ-ଯାଗୋତ୍ସବକୁ ଏ ଉତ୍ସବ ପରାସ୍ତ କରିବ ଏଥିରେ ସନ୍ଦେହ-ନାହିଁ ।

Digitized by srujanika@gmail.com

ସ୍ୱର୍ଗୀୟ ସମ୍ରାଟ ଓ ବର୍ତ୍ତମାନ ସମ୍ରାଟ ଯୁବରାଜ ଅବସ୍ଥାରେ ଏଦେଶକୁ ଆଗମନ କରିଥିଲେ, ମାତ୍ର କେହି ସମ୍ରାଟ ବା ସମ୍ରାଜ୍ଞୀରୂପେ ଏଦେଶକୁ ଶୁଭାଗମନ କରି ନ ଥିଲେ । ନବୀନ ସମ୍ରାଟ ଆପଣାର ସହଧର୍ମିଣୀଙ୍କ ସହିତ ଏଦେଶକୁ ଆଗମନ କରିବାର ଜାଣି ଭାରତର ରାଜଭକ୍ତ ପ୍ରଜାସାଧାରଣ ଏବଂ ରାଜନ୍ୟବର୍ଗ ଆନନ୍ଦ ବିହ୍ୱଳ ହୋଇଅଛନ୍ତି । ସେମାନଙ୍କ ଶୁଭାଗମନ ଉପଲକ୍ଷେ ଭାରତର ଗୃହେ ଗୃହେ, ଗ୍ରାମେ ଗ୍ରାମେ, ନଗରେ ନଗରେ, ମହାମହୋତ୍ସବ ହେବାର ବ୍ୟବସ୍ଥା ହେଉଅଛି । ସମ୍ରାଟଙ୍କ ଶୁଭାଗମନ ଭାରତ ପକ୍ଷରେ ଗୋଟିଏ ଆନନ୍ଦପ୍ରଦ ଅଭିନବ ଘଟନା । ସେହି ଶୁଭଦିନ ଶୀଘ୍ର ସମୀପବର୍ତ୍ତୀ ହେଉ ସମସ୍ତେ ଏହି କାମନା କରୁଅଛନ୍ତି ।

ନବୀନ ସମ୍ରାଟଙ୍କ ରାଜତ୍ୱରେ ଦେଶ ଶାନ୍ତିମୟ ହେଉ—ଦୁଃଖ ଦାରିଦ୍ର୍ୟ ଦୂର ହେଉ, ସପରିବାରରେ ସମ୍ରାଟ ଚିରଞ୍ଜୀବୀ ହୋଇ ଅଖଣ୍ଡ ସୁଖଶାନ୍ତି ଲାଭ କରି ଯଶସ୍ୱୀ ହୁଅନ୍ତୁ ଏହି-କାମନା କରି ପ୍ରାଚୀନ କବିବାକ୍ୟରେ ତାହାଙ୍କ ଉଦ୍ଦେଶ୍ୟରେ ଏହି ଆଶୀର୍ବାଣୀ ଉଚ୍ଚାରଣ କରୁଅଛୁଁ ।

" ଆୟୁର୍ଦ୍ରୋଣସୁତେ ଶ୍ରିୟୋ ଦଶରଥେ ଶତ୍ରୁକ୍ଷୟୋ ରାଘବେ,
ଐଶ୍ୱର୍ଯ୍ୟଂ ନହୁଷେ ଗତିଶ୍ଚ ପବନେ ମାନଶ୍ଚ ଦୁର୍ଯ୍ୟୋଧନେ,
ଶୌର୍ଯ୍ୟଂ ଶାନ୍ତନବେ ବଳଂ ହଳଧରେ ସତ୍ୟଞ୍ଚ କୁନ୍ତୀସୁତେ,
ବିଜ୍ଞାନଂ ବିଦୁରେ ଭବନ୍ତୁ ଭବତଂ ଭକ୍ତିଶ୍ଚ ନାରାୟଣେ । "

ଅର୍ଥ - ହେରାଜନ୍ ! ଅଶ୍ୱତ୍ଥାମା ପରି ଆୟୁ, ଦଶରଥ ତୁଲ୍ୟ ଲକ୍ଷ୍ମୀ, ରାମଚନ୍ଦ୍ରଙ୍କ ପରି ଶତ୍ରୁକ୍ଷୟ, ନହୁଷଙ୍କ ପରି ଐଶ୍ୱର୍ଯ୍ୟ, ପବନ-

Digitized by srujanika@gmail.com

ତୁଲ୍ୟ ଗଦା, ଦୁର୍ଯ୍ୟୋଧନଙ୍କ ପରି ମାନ, ଭୀଷ୍ମଙ୍କ ତୁଲ୍ୟ ଶୌର୍ଯ୍ୟ, ବଳରାମଙ୍କ ପରି ବଳ, ଯୁଧିଷ୍ଠିରଙ୍କ ପରି ସତ୍ୟନିଷ୍ଠା, ଏବଂ ବିଦୁରଙ୍କ ତୁଲ୍ୟ ଜ୍ଞାନ ଆପଣଙ୍କଠାରେ ବିଦ୍ୟମାନ ହେଉ, ଏବଂ ନାରାୟଣଙ୍କ ପ୍ରତି ଆପଣଙ୍କର ଅଚଳା ଭକ୍ତି ଥାଉ ।

ଶ୍ରୀଶୁଭମସ୍ତୁ ।

Digitized by srujanika@gmail.com